## କୂଅରେ ପଡ଼ି ବୃଦ୍ଧ ମୃତ

**କୋଦଳା,(ଅମିତ କୁମାର ପଟ୍ଟନାୟକ):** ବେଗୁନିଆପଡା ଥାନା ବୁରୁଝରୀ ଗ୍ରାମରେ ରବିବାର କୂଅରେ ପଡ଼ି ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତ ବୃଦ୍ଧ ଜଣକ ହେଲେ ତ୍ରିନାଥ ମହାନ୍ତି (୮୩)। ମଧ୍ୟାହ୍ନରେ ଗ୍ରାମର ଏକ କୂଅରୁ ବୃଦ୍ଧ ତ୍ରିନାଥ ପାଣି କାଢ଼ିବା ସମୟରେ ଅସାବଧାନତା ଯୋଗୁ ପଡିଯାଇଥିଲେ। କୋଦଳା ଦମକଳ ବାହିନୀ ପହଞ୍ଚି ବୃଦ୍ଧଙ୍କୁ କୂଅରୁ ଉଦ୍ଧାର କରି କୋଦଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ସେଠାରେ ବୃଦ୍ଧଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ବେଗୁନିଆପଡ଼ା ପୋଲିସ ନଂ.୬/୨୩ରେ ମାମଲା ରୁଜୁ କରି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ପଠାଇ ଘଟଣାର ତଦନ୍ତ କରୁଛି।

**ସଂକ୍ଷେପରେ**

## ନିଟ୍‌ରେ କୃତକାର୍ଯ୍ୟ ସନ୍ଧ୍ୟାରାଣୀଙ୍କୁ ସମ୍ବର୍ଦ୍ଧନା



ପାତ୍ରପୁର, ୩୦।୭(ଉମାଚରଣ ନେପାକ)

ପାତ୍ରପୁର ବ୍ଲକ ବାଦପୁର ପଞ୍ଚାୟତ ତିନିଘରିଆ ଗ୍ରାମର ସନ୍ଧ୍ୟାରାଣୀ ପ୍ରଧାନ ନିଟ ପରୀକ୍ଷାରେ ସର୍ବଭାରତୀୟସ୍ତରରେ ୧୬୩୨ ର୍‍ୟାଙ୍କ ରଖି କୃତକାର୍ଯ୍ୟ ହୋଇଥିଲେ। ନାରାୟଣ ପ୍ରଧାନ ଓ ପୂର୍ଣ୍ଣିମା ପ୍ରଧାନଙ୍କ ଦ୍ୱିତୀୟ ଝିଅ ହେଉଛନ୍ତି ସନ୍ଧ୍ୟାରାଣୀ। ସେ କୋରାପୁଟ ମେଡିକାଲ କଲେଜରେ ଏମବିବିଏସ ପଢ଼ିବା ପାଇଁ ଚୟନ ହୋଇଛନ୍ତି। ସନ୍ଧ୍ୟାରାଣୀ ଗ୍ରାମର ପ୍ରଥମ ଡାକ୍ତରୀ ଛାତ୍ରୀ ହୋଇଥିବାରୁ ତାଙ୍କୁ ଗ୍ରାମବାସୀ ଏବଂ ୟୁଥ୍ ଟିମ ତରଫରୁ ସମ୍ବର୍ଦ୍ଧିତ କରାଯାଇଛି।

## ବିଦ୍ୟାଳୟସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା

ଖଲ୍ଲିକୋଟ,୩୦।୭(ପ୍ରଶାନ୍ତ କୁମାର ମିଶ୍ର)

ଖଲ୍ଲିକୋଟ ସହର ନିକଟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ବିଦ୍ୟାଳୟସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଖଲ୍ଲିକୋଟ କୋର୍ଟ ବାର ସଭାପତି ରାଜେନ୍ଦ୍ର ପ୍ରସାଦ ରଥ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ଏହାର ଶୁଭ ଉଦଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାମନ୍ଦିରର ଅଧ୍ୟକ୍ଷ ଦୟାନିଧି ମହାରଣା, ସମ୍ପାଦକ ସନ୍ତୋଷ କୁମାର ମହାପାତ୍ର, ପ୍ରଧାନ ଗୁରୁଜୀ ଚକ୍ରପାଣି ସାହୁ, ପୂର୍ବତନ ସଭାପତି ପ୍ରଦୀପ ଚନ୍ଦ୍ର ପଟ୍ଟନାୟକ, ମୁଖ୍ୟବକ୍ତା ଭାବେ ବରିଷ୍ଠ ଖବରଦାତା ମାଧବ ବେହେରା, ବିଶିଷ୍ଟ ଶିକ୍ଷାବିତ ଅବସରପ୍ରାପ୍ତ ଅଧ୍ୟାପକ ପୂର୍ଣ୍ଣ ରଥ, ଅଖିଳ ଭାରତ ବୈଦିକ ଗଣିତ ସଂଯୋଜକ ପ୍ରସନ୍ନ କୁମାର ସାହୁ, ବିଦ୍ୟାଳୟର କୋଷାଧ୍ୟକ୍ଷ ରତ୍ନାକର ଦାସ, ସହ ସମ୍ପାଦକ ରଞ୍ଜନ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ବିଦ୍ୟାଳୟର ଛାତ୍ରୀଛାତ୍ର ପ୍ରାକୃତିକ ବିପର୍ଯ୍ୟୟ ଉପରେ ଆଧାରିତ ନମୁନା, ପ୍ରାଥମିକ ଚିକିତ୍ସା, ବର୍ଷା ଜଳ ଉପରେ ଆଧାରିତ, ବାୟୁଚାପ ଉପରେ ଆଧାରିତ ଏପରି ବିଭିନ୍ନ ପ୍ରକଳ୍ପ ନମୂନା ପ୍ରଦର୍ଶନ କରିଥିଲେ।

## ନିଆଁରେ ପୋଡି ହୋଇ ବୃଦ୍ଧ ମୃତ

ଫୁଲବାଣୀ, ୩୦।୭(ରାକେଶ କୁମାର ରାଉତ)

ଫିରିଙ୍ଗିଆ ବ୍ଲକ ଗୋଚ୍ଛାପଡା ଥାନା ଅଞ୍ଚଳର ଜଣେ ବୃଦ୍ଧଙ୍କ ରବିବାର ନିଆଁରେ ପୋଡ଼ି ହୋଇ ମୃତ୍ୟୁ ଘଟିଛି। ବୃଦ୍ଧ ଜଣକ ହେଲେ କତ୍ରିଙ୍ଗିଆ ପଞ୍ଚାୟତ ଡାଗରସୁଗା ଗ୍ରାମର ସୁଦର୍ଶନ କହଁର। ପରିବାର ଲୋକେ ବିଲକୁ ଯାଇଥିବା ବେଳେ ସୁଦର୍ଶନ ଘରେ ଥିଲେ । ଚୁଲି ପାଖରେ ବସି ଥିବା ବେଳେ ପିନ୍ଧି ଥିବା ଲୁଗାରେ ନିଆଁ ଲାଗି ଯିବାରୁ ସେ ପୋଡ଼ି ହୋଇ ଯାଇଥିଲେ। ପରିବାର ଲୋକେ ଘରକୁ ଫେରିବା ପରେ ତାଙ୍କୁ ଗୁରୁତର ଅବସ୍ଥାରେ ଫୁଲବାଣୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ସୁଦର୍ଶନଙ୍କ ମୃତ୍ୟୁ ଘଟିଥିଲା। ସୁଦର୍ଶନଙ୍କ ପୂର୍ବରୁ ଅପସ୍ମାର ରୋଗ ଥିବା ପରିବାର ଲୋକେ କହିଛନ୍ତି। ଏ ନେଇ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହେବା ପରେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି ।

# ଅପରାଧ ଯୋଜନା ବେଳେ ଚଢ଼ାଉ, ୪ ଗିରଫ

**ମାରଣାସ୍ତ୍ର, ସ୍କୁଟି ଓ ବାଇକ ଜବତ**

ଖଲ୍ଲିକୋଟ,୩୦।୭(ପ୍ରଶାନ୍ତ କୁମାର ମିଶ୍ର)

ମୋଷ୍ଟ ୱାଣ୍ଟେଡ଼ ବିଭୁ ଜେନା ଓ ତାର ୨ ସହଯୋଗୀଙ୍କୁ ପୋଲିସ ପୂର୍ବରୁ ଗିରଫ କରିଥିବା ବେଳେ ଶନିବାର ବିଳମ୍ବିତ ରାତିରେ ଆଉ ୪ ଅପରାଧୀଙ୍କୁ ଧରିବାରେ ସଫଳ ହୋଇଛି ଖଲ୍ଲିକୋଟ ପୋଲିସ। ଥାନା ଅଧିକାରୀ ଜଗନ୍ନାଥ ମଲ୍ଲିକଙ୍କ ସୂଚନା ଅନୁଯାୟୀ, ଦୁର୍ଦ୍ଦାନ୍ତ ଅପରାଧୀ ବିଭୁ ଜେନାକୁ ଗିରଫ କରିବା ପରେ ଥାନାରେ ଜେରା ବେଳେ ସେ ଦେଇଥିବା ସୂଚନା ମୁତାବକ ପୋଲିସ ଏସ୍‌ଆଇ ପାର୍ଥ ପ୍ରତିମ ଦେବତାଙ୍କ ନେତୃତ୍ୱରେ ଏକ ଟିମ ଖଲ୍ଲିକୋଟ ବଡ଼ଘାଟି ଉପରେ ଚଢ଼ାଉ କରିଥିଲେ। ମେଗା ନର୍ସରୀ ନିକଟରେ ଏକ ବଡ଼ ଧରଣର ଅପରାଧିକ କାର୍ଯ୍ୟକଳାପ ପାଇଁ ଯୋଜନା କରୁଥିବା ବେଳେ ପୋଲିସ ୪ ଜଣଙ୍କୁ ଧରିଥିଲା। ଅନ୍ୟ ଜଣେ ଘଟଣା ସ୍ଥଳରୁ ଚମ୍ପଟ ମାରିଥିଲା। ଗିରଫ ୪ ଜଣ ହେଲେ ଖଲ୍ଲିକୋଟ ଥାନା ଖୋଜାପଲ୍ଲୀ ଗ୍ରାମର ବଳରାମ ପରିଡ଼ା, କନ୍ହେଇପୁର ଗ୍ରାମର ପ୍ରଶାନ୍ତ କୁମାର ସ୍ୱାଇଁ, ତୋଟାଗାଁର ନେହେରୁ ପାହାନ, ଦଣ୍ଡେଶ୍ୱର ରୋଡ଼ କୋଦଳାର ବିକ୍ରମ ସାହୁ। ହରିପୁର ଗ୍ରାମର ସଞ୍ଜୟ ଦାସ ଓରଫ କାଳିଆ ଫେରାର ହୋଇଯାଇଛି। ସେମାନଙ୍କ ନିକଟରୁ ଗୋଟିଏ ୯ ଏମ୍‌ଏମ୍ ପିସ୍ତଲ, ଗୋଟିଏ ରିଭଲଭର, ତିନୋଟି ଜୀବନ୍ତ ଗୁଳି, ଗୋଟିଏ ଖଣ୍ଡା, ଫାର୍ସା, ଭୁଜାଲି, ୬ଟି ବୋମା, ସ୍କୁଟି, ବାଇକ ଜବତ କରାଯାଇଛି। ପୋଲିସ ନଂ ୫୩୧/୨୦୨୩ରେ ମାମଲା ରୁଜୁ କରିଛି। ଗିରଫ ବଳରାମ ପରିଡ଼ା ବିରୋଧରେ ଖଲ୍ଲିକୋଟ ଥାନାରେ ୩ଟି କେସ ରହିଥିବା ବେଳେ ପ୍ରଶାନ୍ତ କୁମାର ସ୍ୱାଇଁଙ୍କ ବିରୋଧରେ ଖଲ୍ଲିକୋଟ ଥାନାରେ ଗୋଟିଏ ଓ କୋଦଳା ଥାନାରେ ଗୋଟିଏ, ବିକ୍ରମ ସାହୁ ବିରୋଧରେ କୋଦଳା ଥାନାରେ ୫ଟି ମାମଲା, ନେହେରୁ ପାହାନ ବିରୋଧରେ ଖଲ୍ଲିକୋଟ ଥାନାରେ ଦୁଇଟି ମାମଲା ରହିଥିବା ସୂଚନା ଦେଇଛନ୍ତି ଖଲ୍ଲିକୋଟ ଥାନା ଅଧିକାରୀ ଜଗନ୍ନାଥ ମଲ୍ଲିକ।


ଗିରଫ ଅଭିଯୁକ୍ତ ସହ ଜବତ ସାମଗ୍ରୀ।

# ଚାକିରି ଦେବା ନାଁରେ ୧୩ ଲକ୍ଷ ଠକେଇ

## କୋର୍ଟ କିରାଣି ସମେତ ୨ ଗିରଫ

ଭଞ୍ଜନଗର, ୩୦।୭(ବାବୁଲା ପ୍ରଧାନ)

ଗଞ୍ଜାମ ଜିଲା ଭଞ୍ଜନଗର ପୋଲିସ ରବିବାର ଚାକିରି କରାଇଦେବା ନାଁରେ ୧୩ ଲକ୍ଷ ଟଙ୍କା ଠକେଇ ଅଭିଯୋଗରେ ୨ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଜଗନ୍ନାଥପ୍ରସାଦ ଥାନା ଅନ୍ତର୍ଗତ କୁମ୍ଭପଡାର ଅବିନାଶ ଆଚାର୍ଯ୍ୟ ଓ ଭଞ୍ଜନଗର ଥାନା ଅନ୍ତର୍ଗତ ଲଣ୍ଡେଇ ସାହି ୟୁନିଟ୍ ୬ର ସୁଭମ୍ କୁମାର ପ୍ରଧାନ। ପୋଲିସ ସେମାନଙ୍କଠାରୁ ୪ଟି ଏଟିଏମ୍ କାର୍ଡ, ୨ଟି ମୋବାଇଲ୍, ଟାବଲେଟ୍ ଏବଂ ନଗଦ ୧୫ ହଜାର ଟଙ୍କା ଜବତ କରିଛି। ଅବିନାଶ ଆଚାର୍ଯ୍ୟ ଜି.ଉଦୟଗିରି କୋର୍ଟରେ କିରାଣି ଭାବେ କାର୍ଯ୍ୟ କରୁଥିବା ପରିଚୟ ପତ୍ର ମଧ୍ୟ ପୋଲିସ ଜବତ କରିଛି ବୋଲି ଥାନା ଅଧିକାରୀ ଧୀରେଶ ଦାସ ଏକ ପ୍ରେସ୍ ବିବୃତିରେ ଜଣାଇଛନ୍ତି। ଗିରଫ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ପ୍ରକାଶ ଯେ, ଶୁଭାଶିଷ ଜେନା ନାମକ ଜଣେ ଯୁବକ ଚାକିରି ପାଇଁ ଏକ ପରୀକ୍ଷା ଦେଇଥିଲେ। ଅବିନାଶ ଶୁଭାଶିଷଙ୍କ ବାପା କୃଷ୍ଣଚନ୍ଦ୍ର ଜେନାଙ୍କ ପାଖକୁ ଯାଇ ପୁଅର ଚାକିରି କରାଇଦେବାକୁ ୧୫ ଲକ୍ଷ ଟଙ୍କା ମାଗିଥିଲେ। ଅଗ୍ରୀମ ବାବଦକୁ କୃଷ୍ଣଚନ୍ଦ୍ର ୧୩ ଲକ୍ଷ ଟଙ୍କା ଦେଇଥିଲେ। ପରୀକ୍ଷା ଫଳ ପ୍ରକାଶିତ ପରେ ଶୁଭାଶିଷଙ୍କ ନାମ ନଥିବାରୁ କୃଷ୍ଣ ଏନେଇ ଅବିନାଶଙ୍କୁ ପଚାରିଥିଲେ। କିନ୍ତୁ ଅବିନାଶ କୌଣସି ଉତ୍ତର ଦେଇ ନଥିଲେ କି ଟଙ୍କା ଫେରାଇ ନଥିଲେ। ଏନେଇ କୃଷ୍ଣ ଥାନାରେ ୨୩ ତାରିଖରେ ଅଭିଯୋଗ କରିଥିଲେ। ପୋଲିସ ନଂ ୬୨୬/୨୩ ରେ ମାମଲା ରୁଜୁ କରି ରବିବାର ଅଭିଯୁକ୍ତମାନଙ୍କୁ ଗିରଫ କରିବାରେ ସକ୍ଷମ ହୋଇଛି। ଏହି ମାମଲାରେ ଆହୁରି ଅନେକ ବ୍ୟକ୍ତି ଜଡିତ ଥିବା ଆଶଙ୍କା କରାଯାଉଛି।


ଗିରଫ ଅଭିଯୁକ୍ତ ଏବଂ ଜବତ ସାମଗ୍ରୀ।

# ତୀର୍ଥଯାତ୍ରୀ ବସ୍ ଦୁର୍ଘଟଣାଗ୍ରସ୍ତ, ୫୦ରୁ ଊର୍ଦ୍ଧ୍ୱ ବର୍ତ୍ତିଲେ



ଜେସିବି ମେଶିନ ଦ୍ୱାରା ବସ୍ ରାସ୍ତାକୁ ଅଣାଯାଉଛି।

ଗଞ୍ଜାମ,୩୦।୭(ବିଦ୍ୟାଧର ସାହୁ ଗଞ୍ଜାମ)

ଗଞ୍ଜାମ ବ୍ଲକ ସୁବଳୟା ୧୬ନଂ. ଜାତୀୟ ରାଜପଥରେ ରବିବାର ଏକ ତୀର୍ଥଯାତ୍ରୀ ବସ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ସୌଭାଗ୍ୟବଶତଃ ସମସ୍ତ ଯାତ୍ରୀ ସୁରକ୍ଷିତ ଅଛନ୍ତି। ସ୍ଥାନୀୟ ଲୋକେ ଦୁର୍ଘଟଣାଗ୍ରସ୍ତ ବସ୍‌ରୁ ୫୦ରୁ ଊର୍ଦ୍ଧ୍ୱ ଯାତ୍ରୀଙ୍କୁ ସୁରକ୍ଷିତ ଅବସ୍ଥାରେ ଉଦ୍ଧାର କରିବା ପରେ ସୁବଳୟା ପଞ୍ଚାୟତ ଗୃହକୁ ନେଇଥିଲେ। ପ୍ରକାଶ ଯେ, ମଧ୍ୟପ୍ରଦେଶରୁ 'ମାନସୀ' ନାମକ ବସ୍ (ଏଏସ୍୦୧୦ ସି୩୨୦୦)ରେ ତୀର୍ଥଯାତ୍ରୀମାନେ ୧୫ ଦିନ ତଳେ ଚାରିଧାମ ଦର୍ଶନ ପାଇଁ ଆସିଥିଲେ। ପୁରୀରେ ଜଗନ୍ନାଥ ଦର୍ଶନ ସାରି ବସ୍‌ଟି ତିରୁପତି ଅଭିମୁଖେ ଯାଉଥିବା ବେଳେ ରମ୍ଭା ଥାନା ଅନ୍ତର୍ଗତ ସୁବଳୟା ନିକଟରେ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଡ୍ରାଇଭରଙ୍କ ଆଖି ଲାଗିଯିବାରୁ ଏହି ଦୁର୍ଘଟଣା ଘଟିଥିବ ପୋଲିସ ସୂଚନା ଦେଇଛି। ପୋଲିସ ପ୍ରଶାସନ ଓ ସ୍ଥାନୀୟ ଲୋକଙ୍କ ସାହାଯ୍ୟରେ ଜେସିବି ମେଶିନ ଦ୍ୱାରା ବସ୍‌ଟି ରାସ୍ତାକୁ ଅଣାଯାଇଛି। ପରେ ସମସ୍ତ ଯାତ୍ରୀମାନଙ୍କୁ ସ୍ଥାନୀୟ ରାଜୀବ ଗାନ୍ଧୀ ଗୃହ ଓ ପଞ୍ଚାୟତ କାର୍ଯ୍ୟାଳୟରେ ଆଶ୍ରୟ ଦିଆଯିବା ସହିତ ସେମାନଙ୍କ ଘରକୁ ପଠାଇବାକୁ ପ୍ରଶାସନ ପ୍ରସ୍ତୁତି ଆରମ୍ଭ କରିଛି। ସୂଚନାଯୋଗ୍ୟ, ଜାତୀୟ ରାଜପଥ ନିର୍ମାଣ କାର୍ଯ୍ୟ ଧିମାରେ ଚାଲିଛି। ଖୋର୍ଦ୍ଧାଠାରୁ ବ୍ରହ୍ମପୁର ପର୍ଯ୍ୟନ୍ତ ପ୍ରାୟ ରାସ୍ତା ମଝିରେ ବଡ଼ ଗର୍ତ୍ତ ସୃଷ୍ଟି ହୋଇଛି। ବାରମ୍ବାର ଅଭିଯୋଗ ପରେ ମଧ୍ୟ ଜାତୀୟ ରାଜପଥ କର୍ତ୍ତୃପକ୍ଷ କର୍ଣ୍ଣପାତ କରୁ ନ ଥିବାରୁ ଦୈନନ୍ଦିନ ଛୋଟବଡ଼ ଦୁର୍ଘଟଣା ଘଟୁଛି।

## କଂଗ୍ରେସର ବ୍ଲକ୍ ଅଫିସ ଘେରାଉ ପ୍ରସ୍ତୁତି ବୈଠକ

ପାରଳାଖେମୁଣ୍ଡି, ୩୦।୭(ଗିରିଧାରୀ ପରିଛା)

ପାରଳାଖେମୁଣ୍ଡିସ୍ଥିତ ଜିଲା କଂଗ୍ରେସ କାର୍ଯ୍ୟାଳୟରେ ଗଜପତି ଜିଲା କଂଗ୍ରେସ ସଭାପତି ତଥା ମୋହନା ବିଧାୟକ ଦାସରଥି ଗମାଙ୍ଗଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ହୋଇଯାଇଛି। ଅଗଷ୍ଟ ୮ରେ ଦଳ ପକ୍ଷରୁ ରାଜ୍ୟର ସମସ୍ତ ବ୍ଲକ ଅଫିସ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ନେଇ ଆଲୋଚନା କରାଯାଇଥିଲା। ଏହି ଅବସରରେ ଜିଲାର ସମସ୍ତ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବ ବୋଲି ବୈଠକରେ ନିଷ୍ପତି ନିଆଯାଇଛି। କାଶୀନଗର ବ୍ଲକରେ ରାମପ୍ରସାଦ ପଟ୍ଟନାୟକ, ଗୁମ୍ମାରେ ଲଳିତ ମୋହନ ଦଣ୍ଡସେନା, ଗୋଷାଣୀରେ ସଂଜୟ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଥିଲା।

## କଳାକାରଙ୍କ ବାର୍ଷିକ ସମ୍ମିଳନୀ

ଆସିକା, ୩୦।୭ (ସୁରେନ୍ଦ୍ର ନାଥ ସାହୁ)

ଆସିକା ବ୍ଲକର ପଞ୍ଜିକୃତ ଭତ୍ତାପ୍ରାପ୍ତ କଳାକାରମାନଙ୍କ ଏକ ବାର୍ଷିକ ସମ୍ମିଳନୀ ରବିବାର ସ୍ଥାନୀୟ ଚିନିଶିଳ୍ପ ନୂଆଗାଁସ୍ଥିତ କାଳି ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଥିଲା। କାମେଶ୍ୱର ବିଷୋୟୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ଆସିକା ବିଧାୟିକା ମଞ୍ଜୁଳା ସ୍ୱାଇଁ ଏବଂ ସମ୍ମାନିତ ଅତିଥି ରୂପେ ବିଡିଓ ଫକୀର ଚରଣ ପରିଡା, ତହସିଲଦାର ସଞ୍ଜୟ କୁମାର ସାମନ୍ତରା, ଗଞ୍ଜାମ ଜୋନ ଯୁବ ବିଜେଡି ସଭାପତି ନଚିକେତା ସ୍ୱାଇଁ, ଅଭିମନ୍ୟୁ ନାହାକ, ରାଜେଶ ପଟ୍ଟନାୟକ, ଦିଲ୍ଲୀପ ପାଣିଗ୍ରାହୀ, ବୁଲୁ ପାଣିଗ୍ରାହୀ ପ୍ରମୁଖ ଯୋଗଦେଇଥିଲେ। କଳାକାରଙ୍କୁ ଭତ୍ତା ପ୍ରଦାନ ଦିଗରେ ରାଜ୍ୟ ମୁଖ୍ୟମନ୍ତ୍ରୀଙ୍କ ପଦକ୍ଷେପକୁ କୃତଜ୍ଞତା ଜଣାଇବା ସହ ଲୋକକଳାର ପୁନରୁଦ୍ଧାର, ଅନାଲୋଚିତ ଓ ଲୋକଲୋଚନକୁ ଆସି ପାରୁନଥିବା କଳାକାରମାନଙ୍କୁ ତାଲିକାଭୁକ୍ତ କରି ଭତ୍ତା ପ୍ରଦାନ ଦିଗରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଚଳିତ ବର୍ଷ ଲାଗି ସଂଘର ନୂତନ କର୍ମକର୍ତ୍ତା ନିର୍ବାଚନ କରାଯାଇଥିଲା। ଅନ୍ତର୍ଯ୍ୟାମୀ ଦାସ ସଭାପତି, ସୀମାଞ୍ଚଳ ନାହାକ ଉପସଭାପତି, ବୁଦ୍ଧିରାମ ନାହାକ ସମ୍ପାଦକ, ସୁଦର୍ଶନ ନାହାକ ସହ-ସମ୍ପାଦକ, ରବିନ୍ଦ୍ରନାଥ ବିଷୋୟୀ ଯୁଗ୍ମ ସମ୍ପାଦକ ଓ ପର୍ଶୁରାମ ଗୌଡ କୌଷାଧ୍ୟକ୍ଷ ଭାବେ ମନୋନିତ ହୋଇଥିବା ଜଣାଯାଇଛି।

# ବିଧାୟିକାଙ୍କ ହସ୍ତକ୍ଷେପ ପରେ ରାସ୍ତା ସମ୍ପ୍ରସାରଣ ବାଟ ଖୋଲିଲା


ବୈଠକରେ ବିଧାୟକ ସହରବାସୀଙ୍କ ସହ ଆଲୋଚନା କରୁଛନ୍ତି।

କବିସୂର୍ଯ୍ୟନଗର,୩୦।୭(କୃପାସିନ୍ଧୁ ସ୍ୱାଇଁ)

ଶ୍ରୀମର୍ଦ୍ଦରାଜ ହାଇସ୍କୁଲଠାରୁ ସରକାରୀ ବାଳିକା ହାଇସ୍କୁଲ ୯୪୬ ମିଟର ରାସ୍ତାରେ ଟ୍ରାଫିକ ସମସ୍ୟା ଦିନକୁ ଦିନ ଜଟିଳ ହେବାରେ ଲାଗିଛି। ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ପୂର୍ତ୍ତ ବିଭାଗ ପକ୍ଷରୁ ରାସ୍ତାର ଉଭୟ ପାର୍ଶ୍ୱରୁ ୩୦ଫୁଟ ଲେଖାଏଁ ନିଆଯିବା ପାଇଁ ୨୦୨୨ ଅଗଷ୍ଟ ୩୧ରେ ସର୍ବସାଧାରଣରେ ବିଜ୍ଞପ୍ତି ପ୍ରକାଶ ପାଇଲା। ଲକ୍ଷ ଲକ୍ଷ ଟଙ୍କା ଆଦାୟ କରିଥିବା କିଛି କୁଚକ୍ରୀ ଗୋଷ୍ଠୀ ହାଇକୋର୍ଟ ଯାଇ ନିରାଶ ହେବା ପରେ ଲୋକଙ୍କ ଟଙ୍କା ଫେରାଇଥିବା ଅଭିଯୋଗ ହୋଇଛି । ତେବେ ଏନେଇ ଶନିବାର ପୂର୍ତ୍ତ ବିଭାଗ ଡାକ ବଙ୍ଗଳାରେ ବିଧାୟିକା ଲତିକା ପ୍ରଧାନଙ୍କ ଅଧ୍ୟକ୍ଷତାରେ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ସମ୍ପ୍ରସାରଣକୁ ବିରୋଧ କରୁଥିବା ଲୋକମାନଙ୍କ ସହ ଆଲୋଚନା କରିଥିଲେ। ତେବେ ଅଗଷ୍ଟ ସୁଦ୍ଧା ରାସ୍ତା ସମ୍ପ୍ରସାରଣ କାର୍ଯ୍ୟ ସାରିବାକୁ ସହମତି ପ୍ରକାଶ ପାଇବା ସହ ୩୦ଫୁଟ ପରିବର୍ତ୍ତେ ୨୫ଫୁଟ ସମ୍ପ୍ରସାରଣ ଲାଗି ରାଜି ହୋଇଥିଲେ । ଜମି ହରାଉଥିବା ମାଲିକ ଗତ ତିନି ବର୍ଷର ବଜାର ମୂଲ୍ୟଠାରୁ ଦୁଇଗୁଣ ପାଇବେ ବୋଲି ବିଭାଗୀୟ ଅଧିକାରୀ ସ୍ପଷ୍ଟ କରିଛନ୍ତି । କ୍ଷତିପୂରଣ ଆସନ୍ତା ଅଗଷ୍ଟ ସୁଦ୍ଧା ପ୍ରଦାନ କରାଯିବାକୁ ମତ ପ୍ରକାଶ ପାଇଥିଲା । ଅଧିକାଂଶ ଗ୍ରାମବାସୀ ୨୫ଫୁଟ ବଦଳରେ ୩୦ଫୁଟ ଉଭୟ ପାର୍ଶ୍ୱରୁ ନେବାକୁ ଦାବି କରିଛନ୍ତି ।

# ଅଧ୍ୟକ୍ଷାଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି ସଭା

ଜି.ଉଦୟଗିରି,୩୦।୭(ଶିଶିର ପଟ୍ଟନାୟକ)

ଜି.ଉଦୟଗିରି ଏନଏସି ଅଧ୍ୟକ୍ଷା ସ୍ୱର୍ଗତା ଭାନୁପ୍ରଭା ମିଶ୍ରଙ୍କ ବିୟୋଗରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ରବିବାର ଟାଉନହଲଠାରେ ଜି.ଉଦୟଗିରି ବିଜେଡି ନଗର ସଭାପତି ଗୋପାଳ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ସଭାରେ କନ୍ଧମାଳ ଏମପି ଡ. ଅଚ୍ୟୁତ ସାମନ୍ତ, ସ୍ଥାନୀୟ ବିଧାୟକ ସାଲୁଗା ପ୍ରଧାନ, ବାଲିଗୁଡା ବିଧାୟକ ଚକ୍ରମଣି କହଁର, ଫୁଲବାଣୀ ବିଧାୟକ ଅଙ୍ଗଦ କହଁର, ଜିଲା ପର୍ଯ୍ୟବେକ୍ଷକ ବିଜୟ ନାୟକ, ଜିଲା ବିଜେଡି ସଭାପତି ସରୋଜ କର୍ଣ୍ଣ, ଜିଲା ପରିଷଦ ଅଧ୍ୟକ୍ଷା ନନ୍ଦିନୀ ମଲ୍ଲିକ, ଉପାଧ୍ୟକ୍ଷା ସାଧବାଣୀ ନାୟକ, ଜିଲା ମହିଳା ବିଜେଡି ସଭାନେତ୍ରୀ ପୁନମ କହଁର, ଫୁଲବାଣୀ ପୌର ପରିଷଦ ଅଧ୍ୟକ୍ଷା ସ୍ମିତାରାଣୀ ମହାନ୍ତି, ଏନଏସି ଉପାଧ୍ୟକ୍ଷ ସନ୍ତୋଷ ବାଘ, ଦକ୍ଷିଣାଞ୍ଚଳ ମହିଳା ମୋର୍ଚ୍ଚା ସଭାନେତ୍ରୀ ମମତା ବିଶୋଇ, ବ୍ଲକ ଅଧ୍ୟକ୍ଷା ସୁଷମା ପ୍ରଧାନ, ଟିକାବାଲି ସଭାପତି ରୋଦନ ମଲ୍ଲିକ ପ୍ରମୁଖ ଯୋଗଦେଇ ଅମର ଆତ୍ମାର ସଦଗତି କାମନା କରିଥିଲେ। ସ୍ୱର୍ଗତ ଭାନୁପ୍ରଭା ମିଶ୍ରଙ୍କ ସ୍ୱାମୀ ସୁବାସ ସତପଥୀ, ପୁଅ ସୁବ୍ରତ ସତପଥି, ଝିଅ ଦେବସ୍ମିତା ଶତପଥୀ ଉପସ୍ଥିତ ଥିଲେ। ସ୍ୱର୍ଗତା ମିଶ୍ର ଜଣେ ଦକ୍ଷ ଲୋକପ୍ରିୟ ନାରୀନେତ୍ରୀ, ମେଳାପି, ସମସ୍ତଙ୍କ ଦୁଃଖ ସୁଖରେ ଜଡିତ ଜନପ୍ରତିନିଧି ଥିଲେ ବୋଲି ଅତିଥିମାନେ କହିଥିଲେ। ତାଙ୍କ ନାମରେ ପାନୀୟ ଜଳ ଯୋଗାଣ ପ୍ରକଳ୍ପ ଓ ମିଶନ ଶକ୍ତି ଗୃହକୁ କନ୍ଧମାଳ ଏମପି ଓ ଜି.ଉଦୟଗିରି ବିଧାୟକ ଉଦଘାଟନ କରିଥିଲେ। ବିଜୁ ଜନତା ଦଳ ଜିଲା ସମ୍ପାଦକ ସମୀର କୁମାର ପାଢୀ ସଭା ପରିଚାଳନା କରିଥିଲେ।


ଶ୍ରଦ୍ଧାଞ୍ଜଳି ସଭାରେ ଉପସ୍ଥିତ ଅତିଥି।

## ବିଜେଡି ଜିଲା ଉପସଭାପତିଙ୍କୁ ସମ୍ବର୍ଦ୍ଧନା



ଶେରଗଡ, ୩୦।୭(ସୂର୍ଯ୍ୟନାରାୟଣ ଦାଶ)

ଶେରଗଡର ହୃଷିକେଶ ପାଢୀ ବିଜେଡି ଗଞ୍ଜାମ ଜିଲା ଉପସଭାପତି ଭାବେ ନିଯୁକ୍ତି ପାଇଥିଲେ। ଏହି ପରିପ୍ରେକ୍ଷୀରେ ରବିବାର ହିଞ୍ଜିଳିକାଟୁଠାରେ ମୁଖ୍ୟମନ୍ତ୍ରୀଙ୍କ ପ୍ରତିନିଧି ଶରତ ଚନ୍ଦ୍ର ମହାପାତ୍ର ଉପସଭାପତି ପାଢ଼ୀ ଓ ଜିଲା ସମ୍ପାଦକ ଅନିଲ କୁମାର ମହାପାତ୍ରଙ୍କୁ ଫୁଲତୋଡା ଓ ଉପଢୌକନ ଦେଇ ସମ୍ବର୍ଦ୍ଧନା କରିଛନ୍ତି। ଏହି କାର୍ଯ୍ୟକ୍ରମରେ ବ୍ଲକ ବିଜେଡି ସଭାପତି ଶରତ ଚନ୍ଦ୍ର ପାତ୍ର, ଯୁବ ବିଜେଡି ସଭାପତି ସନ୍ତୋଷ ପଟ୍ଟନାୟକ, ହୀନ ବେହେରା, ରଞ୍ଜନ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

# ଟିକାମାଳ ମହୁଲ ସାହି ଗାଁ ରାସ୍ତା ଶୋଚନୀୟ

ଆର.ଉଦୟଗିରି,୩୦।୭(ମନୋଜ କୁମାର ପାଢ଼ୀ)

ଶିକ୍ଷା, ସ୍ୱାସ୍ଥ୍ୟ, ବିଜୁଳି, ପାଣି, ସାମାଜିକ ନିରାପତ୍ତା ଯୋଜନା କାର୍ଯ୍ୟକାରୀ ହେଉଛି। ଯେଉଁ ସମସ୍ୟାର ସମାଧାନ ପାଇଁ ବାରମ୍ବାର ପ୍ରଶାସନକୁ ଲୋକେ ଅଭିଯୋଗ କରୁଛନ୍ତି ତାହା ଦୂର ହୋଇପାରୁନି। ଏହା ଦେଖିବାକୁ ମିଳିଛି ଆର.ଉଦୟଗିରି ବ୍ଲକ ଶବରପଲ୍ଲୀ ପଞ୍ଚାୟତ ଟିକାମାଳ ମହୁଲ ସାହିରେ। ବ୍ଲକ୍‌ରୁ ମାତ୍ର ପାଞ୍ଚ କିଲୋମିଟରରେ ଅବସ୍ଥିତ ଥିବା ଏହି ଗାଁରେ ପ୍ରାୟ ୩୫ ପରିବାର ବସବାସ କରୁଛନ୍ତି। ହେଲେ ରାସ୍ତାର ଅବସ୍ଥା ନ କହିଲେ ଭଲ। ନେତାଠାରୁ ପ୍ରଶାସନ ପର୍ଯ୍ୟନ୍ତ ବାରମ୍ବାର ଗୁହାରି କଲେ ମଧ୍ୟ କୌଣସି ସମାଧାନ ହୋଇ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ରାସ୍ତାରେ ପଥର ମାଟି ସହିତ ରାସ୍ତାକୁ ବର୍ଷା ପାଣି ଧୋଇ ନେଉଛି। ଯିବା ଆସିବା ପାଇଁ ବଡ଼ କଷ୍ଟ ସାଧ ହୋଇପଡିଛି। ରାସ୍ତାର କୌଣସି ସମତଳ ନାହିଁ ସତେ ଯେମିତି ଦେଖିଲେ ଲାଗୁଛି କୌଣସି ଏକ ପାହାଡିଆ ରାସ୍ତା ଠୁ ବି କିଛି କମ୍ ନୁହଁ। ସ୍କୁଲ ପିଲା, ବୟସ୍କ ଲୋକମାନେ ଉକ୍ତ ରାସ୍ତା ଦେଇ ଯାତାୟାତ କରିବା ବେଳେ ରାସ୍ତାରେ ପଡ଼ି ଆହତ ହୋଇଥାନ୍ତି। ତେବେ ବ୍ଲକଠାରୁ କିଛି ମାତ୍ର ଦୂରରେ ଅବସ୍ଥିତ ଉକ୍ତ ଗାଁର ରାସ୍ତାକୁ ଦେଖିଲେ ଲାଗୁଛି ବିକାଶର ଧାରା ଲୋକଙ୍କ ପାଖରେ ପହଞ୍ଚିବା ବଡ଼ କଷ୍ଟ। ଏ ନେଇ ସ୍ଥାନୀୟ ସରପଞ୍ଚଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ପଞ୍ଚାୟତ ଅର୍ଥରେ ସିସି ରାସ୍ତା କରିବାକୁ ନିଷ୍ପତ୍ତି ଆମେ କଲୁ କିନ୍ତୁ ତାହା ହୋଇପାରୁନି। କାରଣ ସରକାରଙ୍କ ନିୟମ ପରିବର୍ତ୍ତନ ହୋଇଗଲାଣି। ଏମ୍‌ଜିଏନ୍‌ଆରଇଜିଏସ୍‌ରେ କରିବାକୁ ଚେଷ୍ଟା କରୁଛୁ ବୋଲି କହିଛନ୍ତି।


ଶୋଚନୀୟ ରାସ୍ତା।

## ଗଞ୍ଜାମ ବ୍ଲକ୍‌ରେ ଦିବ୍ୟାଙ୍ଗଙ୍କୁ ଉପକରଣ ବଣ୍ଟନ

ଗଞ୍ଜାମ,୩୦।୭(ବିଦ୍ୟାଧର ସାହୁ ଗଞ୍ଜାମ)

ଗଞ୍ଜାମ ବ୍ଲକ କାର୍ଯ୍ୟାଳୟଠାରେ ରବିବାର ଭାରତ ସରକାରଙ୍କ ସାମାଜିକ ସଶକ୍ତୀକରଣ ମନ୍ତ୍ରାଳୟ ଓ ରାଜ୍ୟ ସରକାରଙ୍କ ମିଳିତ ସହଯୋଗ ଏବଂ ବ୍ଲକ ପ୍ରଶାସନ ସହାୟତାରେ ଦିବ୍ୟାଙ୍ଗମାନଙ୍କୁ ବିଭିନ୍ନ ଉପକରଣ ବଣ୍ଟନ କରାଯାଇଛି। ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ, ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା ଅତିଥି ଭାବେ ଯୋଗଦେଇ ଦିବ୍ୟାଙ୍ଗମାନଙ୍କୁ ବିଭିନ୍ନ ଉପକରଣ ଯଥା ଟ୍ରାଇ ସାଇକେଲ, ଶ୍ରବଣ ଯନ୍ତ୍ର ଏବଂ ଆଶାବାଡ଼ି ଆଦି ବାଣ୍ଟିଥିଲେ। ବ୍ଲକ ଅଧ୍ୟକ୍ଷା ଶର୍ମିଷ୍ଠା ପ୍ରଧାନ, ଉପାଧ୍ୟକ୍ଷା ଅନ୍ତର୍ଯ୍ୟାମୀ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ସୁରଥ ପାହାନ, ମଲାଡ଼ ସରପଞ୍ଚ ପ୍ରତିନିଧି ସୁଦାମ ଚରଣ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ଖଟିଆରେ ବୁହାହେଲେ ରୋଗୀ


ରୋଗୀଙ୍କୁ ଖଟିଆରେ ବୋହି ନିଆଯାଉଛି।


ଧୋଇ ହୋଇଯାଇଥିବା ଅସ୍ଥାୟୀ ପୋଲ।

## ଧୋଇଗଲା ଅସ୍ଥାୟୀ ପୋଲ

ମୋହନା,୩୦।୭(ମନ୍ମଥ ମିଶ୍ର)

ସରକାର ଦୁର୍ଗମ ଅଞ୍ଚଳର ଆଦିବାସୀମାନଙ୍କ ବିକାଶ ନିମନ୍ତେ ଅନେକ ଯୋଜନା କରି କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। କିନ୍ତୁ ତାହା ସଠିକ୍ ମାର୍ଗରେ ଲୋକଙ୍କ ପାଖରେ ପହଞ୍ଚି ପାରୁନଥିବା ନଜର ଆସୁଛି। ଗଜପତି ଜିଲା ମୋହନା ବ୍ଲକର ଲିମବାଡ ରାସ୍ତା ସମ୍ପୂର୍ଣ୍ଣ କାଦୁଅ ହୋଇଥିବା ବେଳେ ଲଗାଣ ବର୍ଷାରେ ନଦୀର ଜଳସ୍ତର ବଢ଼ି ଅସ୍ଥାୟୀ ପୋଲ ଭସାଇ ନେଇଯାଇଛି। ଫଳରେ ବାହ୍ୟ ଜଗତରୁ ବିଚ୍ଛିନ୍ନ ହେବାସହ ଗମନାଗମନରେ ଅନେକ ବାଧା ସୃଷ୍ଟି ହେଉଛି। ଗରଡମା ଗ୍ରାମପଞ୍ଚାୟତ ଲିମବାଡ ଗ୍ରାମର ଗାବ୍ରିଲ୍ ଭୂୟାଁଙ୍କ ପତ୍ନୀଙ୍କ କିଛି ଦିନ ହେବ ସ୍ୱାସ୍ଥ୍ୟ ଅବସ୍ଥା ଠିକ ନଥିଲା। ବର୍ଷା ଲାଗି ରହିଥିବାରୁ ସେ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସି ପାରୁନଥିଲେ। ତେବେ ବର୍ଷା କମିଥିବାରୁ ସେ ଗ୍ରାମ ଲୋକଙ୍କ ସହାୟତାରେ ନିଜ ପତ୍ନୀଙ୍କୁ ଖଟିଆରେ ବୋହି ନଦୀ ପାର କରିବା ସହ ବିରିକୋଟ ସ୍ୱାସ୍ଥ୍ୟ କେନ୍ଦ୍ରରେ ପହଞ୍ଚିଥିଲେ। ବାରମ୍ବାର ଅଭିଯୋଗ କରି ଆସୁଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ ରାସ୍ତା ନିର୍ମାଣ ହେଉନଥିବାରୁ ଅଞ୍ଚଳବାସୀ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୩୧ ଜୁଲାଇ, ୨୦୨୩

## ଯବାନଙ୍କ ମୃତଦେହ ଜବତ

ବୁଗୁଡ଼ା (କାଳି ଚରଣ ଦାଶ): ବୁଗୁଡ଼ା ଥାନା ବାଲିପଦର ଫାଣ୍ଡି ଅନ୍ତର୍ଗତ ଦଶୀପୁର ଗ୍ରାମରେ ଜଣେ ଜବାନଙ୍କ ଝୁଲନ୍ତା ମୃତଦେହକୁ ରବିବାର ବାଲିପଦର ପୋଲିସ ଜବତ କରିଛି। ସେ ହେଲେ ଉମା ଚରଣ ସ୍ୱାଇଁ (୩୦)। ସେନା ବାହିନୀରେ ଚାକିରି କରୁଥିବା ଉମାଚରଣ ସ୍ୱାଇଁ ସପ୍ତାହ ତଳେ ଗାଁକୁ ଆସିଥିଲେ। ଘରେ ଏକାକୀ ଥିଲାବେଳେ ଶନିବାର ବିଳମ୍ବିତ ରାତିରେ ଉମାଚରଣ ବେକରେ ଲୁଗା ଭିଡି ସିଲିଂ ଫ୍ୟାନରେ ଝୁଲିପଡିଥିଲେ। ରବିବାର ବାଲିପଦର ଫାଣ୍ଡି ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଭଞ୍ଜନଗର ପଠାଇଛି। ଏ ନେଇ ବୁଗୁଡ଼ା ଥାନାରେ ନଂ.୧୭/୨୩ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

**ସଂକ୍ଷେପରେ**

## ପରିବା ବୋଝେଇ ଗାଡ଼ି ଧକ୍କାରେ ବୃଦ୍ଧଙ୍କ ମୃତ୍ୟୁ

ଭଞ୍ଜନଗର, ୩୦।୭(ବାବୁଲା ପ୍ରଧାନ)

ତାରସିଂ ଥାନା ଅନ୍ତର୍ଗତ କୋକଲବା ଗ୍ରାମ ନିକଟରେ ରବିବାର ଏକ ପରିବା ବୋଝେଇ ଗାଡି ଧକ୍କାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ସେ ହେଲେ କୋକଲବା ଗ୍ରାମର କ୍ଷେତ୍ର ବେହେରା (୬୪)। କ୍ଷେତ୍ର ସକାଳେ ଗ୍ରାମ ପୋଖରୀରୁ ଗାଧୋଇ ଘରକୁ ଫେରୁଥିଲେ। ଏହି ସମୟରେ ଦଶପଲ୍ଲାରୁ ଭଞ୍ଜନଗର ଅଭିମୁଖେ ଆସୁଥିବା ଏକ ପରିବା ବୋଝେଇ ପିକ୍ ଅପ୍ ଧକ୍କା ଦେବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଏ ନେଇ ସେଠାରେ କିଛି ସମୟ ଉତ୍ତେଜନା ପ୍ରକାଶ ପାଇଥିଲା। ଏହାପରେ ତାରସିଂ ଥାନା ଏସ୍‌ଆଇ ସମୀର କୁମାର ରାଉତ ଘଟଣାସ୍ଥଳରେ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଭଞ୍ଜନଗର ହସ୍ପିଟାଲକୁ ପଠାଇଛି। ଏ ନେଇ ନଂ. ୨୫୧/୨୩ରେ ମାମଲା ରୁଜୁ କରି ପୋଲିସ ଘଟଣାର ତଦନ୍ତ ଚଳାଇଛି। ଅପରାହ୍ନରେ ଅଭିଯୁକ୍ତ ଡ୍ରାଇଭରଙ୍କୁ ଗିରଫ କରିବା ସହ ଧକ୍କା ଦେଇଥିବା ଗାଡି (ନଂ ଓ ଡି ୦୭ ଏ ଏ ୦୫୫୪)କୁ ଜବତ କରାଯାଇଛି ବୋଲି ତଦନ୍ତକାରୀ ଅଧିକାରୀ ରାଉତ ସୂଚନା ଦେଇଛନ୍ତି।

## ବିପଜ୍ଜନକ ସ୍ଥିତିରେ ଜଗନ୍ନାଥପୁର ଯାତ୍ରୀ ବିଶ୍ରାମାଗାର

ଧରାକୋଟ,୩୦।୭(ବିଷ୍ଣୁକେଶରୀ ଆଚାର୍ଯ୍ୟ)

ଧରାକୋଟ ବ୍ଲକ ବାହାରପୁର ପଞ୍ଚାୟତ ଅନ୍ତର୍ଗତ ଜଗନ୍ନାଥପୁର ଶାସନ ଗ୍ରାମର ତିନି ଛକରେ ଥିବା ଯାତ୍ରୀ ବିଶ୍ରାମାଗାର ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ଏହି ବିଶ୍ରାମାଗାରର କାନ୍ଥରେ ଫାଟ ସୃଷ୍ଟି ହୋଇଥିବା ବେଳେ ଛାତରୁ ଫ୍ଲୋରିଙ୍ଗ ଉଠି ଗଲାଣି। କେଉଁ ମୁହୂର୍ତ୍ତରେ ଏହା ଭୁଶୁଡି ପଡିବ ତାହା କହି ହେଉନାହିଁ। ଏହା ଉପରେ ଜଗନ୍ନାଥପୁର,ପଦ୍ମପୁର ପ୍ରଭୃତି ଗ୍ରାମର ଲୋକେ ନିର୍ଭର କରନ୍ତି। ଏଠାରୁ ବ୍ରହ୍ମପୁର,ସୋରଡା,ଭଞ୍ଜନଗର,ବଡଗଡ ଓ ଆସିକା ଯିବାପାଇଁ ପ୍ରତିଦିନ ଯାତ୍ରୀମାନେ ଅପେକ୍ଷା କରିଥାନ୍ତି। ଜାନବିଲି ବଡଗଡ ସୋରଡ଼ା ମୁଖ୍ୟ ରାସ୍ତା ଉପରେ ଏହି ବିଶ୍ରାମାଗାର ରହିଛି। ପ୍ରଶାସନ ତରଫରୁ ଦୃଷ୍ଟି ଦେବା ପାଇଁ ଜନ ସାଧାରଣ ଦାବି କରିଛନ୍ତି।

## ବ୍ୟାଡ୍‌ମିଣ୍ଟନ ଇନ୍‌ଡୋର ହଲ୍ ଉଦ୍‌ଘାଟିତ

ବ୍ରହ୍ମପୁର,୩୦।୭(ତନୁଶ୍ରୀ ନାହାକ)

ବ୍ରହ୍ମପୁର ମହାନଗର ନିଗମ ପକ୍ଷରୁ ୱାର୍ଡ଼ ନମ୍ବର ୧୨ରେ ଶନିବାର ଶାଳିଆ ବନ୍ଧ ନିକଟରେ ଏକ ନୂତନ ବ୍ୟାଡମିଣ୍ଟନ୍ ଇନ୍‌ଡୋର ହଲର ଉଦ୍‌ଘାଟନ ହୋଇଛି। ଏହି ଅବସରରେ ବିଏମସି କମିଶନର ଜେ.ସୋନଲ, ଗଂଜାମ ଜିଲା ଯୋଜନାବୋର୍ଡ ଅଧ୍ୟକ୍ଷ ତଥା ବିଧାୟକ ବିକ୍ରମ କୁମାର ପଣ୍ଡା, ଏମପି ଚନ୍ଦ୍ରଶେଖର ସାହୁ, ମେୟର ସଂଘମିତ୍ର ଦଳାଇ, ଡ଼େପୁଟି ମେୟର ଇ.ବିବେକ ରେଡ୍ଡୀଙ୍କ ସମେତ ୱାର୍ଡ଼ ନମ୍ବର ୧୨ର କର୍ପୋରେଟରୀ ସୂର୍ଯ୍ୟକାନ୍ତ ସୁବୁଦ୍ଧି ଓ ଅନ୍ୟ କର୍ପୋରେଟର ଉପସ୍ଥିତ ରହିଥିଲେ। ବିଏମ୍‌ସି ଅଧିକାରୀମାନେ ଇନଡୋର କୋର୍ଟ ସମେତ ଏହି ଅଞ୍ଚଳର ପୁନଃ ନିର୍ମିତ ଓ ନବ ନିର୍ମିତ ରାସ୍ତାଘାଟ, ଡ୍ରେନର କାମ ବୁଲି ଦେଖିଥିଲେ।

# ଲଗାଣ ବର୍ଷା: ୧୦ ଗ୍ରାମ ବାହ୍ୟଜଗତରୁ ବିଚ୍ଛିନ୍ନ

## ଧୋଇଗଲା ହ୍ୟୁମ୍ ପାଇପ କଲଭର୍ଟ

ଡୁମୁଡିବନ୍ଧ, ୩୦।୭(ଦୀପକ କୁମାର ପରାସେଠ)

ଲଘୁଚାପଜନିତ ବର୍ଷାରେ କନ୍ଧମାଳ ଜିଲା ଡୁମୁଡିବନ୍ଧ ବ୍ଲକ ଡାଙ୍ଗେସିଗୁଡ଼ା ଗ୍ରାମର ରାସ୍ତା ଧୋଇ ହୋଇଯାଇଥିବାରୁ ୧୦ରୁ ଅଧିକ ଗ୍ରାମ ଯୋଗାଯୋଗ ବିଚ୍ଛିନ୍ନ ହୋଇଥିବା ରବିବାର ଜଣାପଡ଼ିଛି। ଲଘୁଚାପଜନିତ ଡୁମୁଡିବନ୍ଧରେ ଝିପିଝିପି ବର୍ଷା ଲାଗି ରହିଥିବା ବେଳେ ଗତ ଶନିବାର ରାତିରେ ପ୍ରବଳ ବର୍ଷା ହୋଇଥିଲା। ପାଣିପାଗ ସୂଚନା ଅନୁସାରେ ଡୁମୁଡିବନ୍ଧରେ ୧୨୮ ମି. ମି. ବର୍ଷା ହୋଇଥିଲା। ସେହି ବର୍ଷାରେ ଡୁମୁଡିବନ୍ଧ ୫୯ ନମ୍ବର ଜାତୀୟ ରାଜପଥର କୁର୍ତ୍ତମ ଗଡ଼ଠାରୁ ଡାଙ୍ଗେସିଗୁଡ଼ାକୁ ସଂଯୋଗ କରୁଥିବା ରାସ୍ତାର ହ୍ୟୁମପାଇପ କଲଭର୍ଟ ଧୋଇ ହୋଇଯାଇଛି। ଫଳରେ ଜନଜୀବନ ଯାତାୟାତରେ ପ୍ରଭାବିତ ହୋଇଛନ୍ତି। ଏହି ରାସ୍ତା ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ନିର୍ମାଣ କରାଯାଇଛି। ଏକ ଠିକାସଂସ୍ଥା ଦ୍ୱାରା ଏହି ରାସ୍ତା କରାଯାଇଛି ହେଲେ ଚୁକ୍ତି ଅନୁସାରେ ରାସ୍ତାର କ୍ଷୟକ୍ଷତି ହେଲେ ମରାମତି କାର୍ଯ୍ୟ ନିଜ ନିୟନ୍ତ୍ରଣରେ ରହିଛି। ଠିକା ସଂସ୍ଥାର ଦେଖାମିଳୁ ନାହିଁ। ବିଶେଷ ଭାବେ ଡାଙ୍ଗେସି ଗୁଡ଼ା, କରୁକୁଡୁପା, ବଲକୀ, ସିନ୍ଧି ପଂକାଲି ଆଦି ୧୦ରୁ ଅଧିକ ଗ୍ରାମର ଲୋକମାନେ ଯାତାୟାତରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଶେଷ କରି ଗର୍ଭବତୀମାନେ ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ହେବା ସହିତ ଅତି ଆବଶ୍ୟକ ସାମଗ୍ରୀ ପାଇବାରେ ସମସ୍ୟା ଦେଖାଦେଇଛି। ଏ ନେଇ କୁରୁକୁଡୁ ସରପଞ୍ଚ ବିଶେଷଣ ମାଝି କହିଛନ୍ତି, ଗତବର୍ଷ ବର୍ଷାରେ ସେହି ସ୍ଥାନ ଧୋଇ ହୋଇଥିଲା। ତାକୁ ହ୍ୟୁମ ପାଇପ ପୋତି ମାଟି ପକାଇ ଦିଆଯାଇଥିଲା। ତା'ପରେ ସ୍ଥାୟୀ ଭାବରେ ନୂତନ ପୋଲ ନିର୍ମାଣ କରିବାକୁ ଦାବି ହୋଇଥିଲେ ମଧ୍ୟ କୌଣସି ସୁଫଳ ମିଳିଲା ନାହିଁ। ଫଳରେ ପୁଣି ଆଉ ଥରେ ସେହି ସ୍ଥାନ ଧୋଇ ହୋଇଗଲା। ତୁରନ୍ତ ରାସ୍ତାର ମରାମତି କାର୍ଯ୍ୟ କରିବା ସହ ସ୍ଥାୟୀ ଭାବରେ ପୋଲ ନିର୍ମାଣ କରା ନ ଗଲେ ଆଗାମୀ ଦିନରେ ଆନ୍ଦୋଳନ କରିବୁ ବୋଲି ସେ କହିଛନ୍ତି। ଏହି ବାବଦରେ ଗ୍ରାମ୍ୟ ଉନ୍ନୟନ ବିଭାଗର ଯନ୍ତ୍ରୀ ରବି ନାରାୟଣ ସେଠୀଙ୍କୁ ପଚାରିବାରୁ ଏନ୍‌ବିସିସି ଠିକା ସଂସ୍ଥାର ନିୟନ୍ତ୍ରଣରେ ରହିଛି। ତଥାପି ତୁରନ୍ତ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।



ଧୋଇ ଯାଇଥିବା ହ୍ୟୁମ୍ ପାଇପ କଲଭର୍ଟ।

# ସ୍ୱାଧୀନତା ଦିବସ ପାଳନ ପ୍ରସ୍ତୁତି ବୈଠକ

ଛତ୍ରପୁର,୩୦।୭(ସନ୍ତୋଷ ପାଢ଼ୀ)

ଗଞ୍ଜାମ ଜିଲାସ୍ତରୀୟ ୭୭ତମ ସ୍ୱାଧୀନତା ଦିବସ ଛତ୍ରପୁରସ୍ଥିତ ପୋଲିସ ପ୍ୟାରେଡ ପଡିଆଠାରେ ମହାସମାରୋହରେ ପାଳନ କରାଯିବ । ଏହି ଜାତୀୟ ଉତ୍ସବକୁ କିଭଳି ସରସ ସୁନ୍ଦର କରାଯିବ ସେଥି ନିମନ୍ତେ ଜିଲାପାଳ ଦିବ୍ୟଜ୍ୟୋତି ପରିଡାଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଜିଲାପାଳଙ୍କ ସଦଭାବନା ଗୃହରେ ଅନୁଷ୍ଠିତ ହୋଇଯାଇଛି। ପ୍ରତି ବର୍ଷ ଭଳି ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ପ୍ରଭାତ ଫେରି ରାମଧୂନ ଗାନ ପୂର୍ବକ ଛତ୍ରପୁର ସହର ପରିକ୍ରମା କରାଯିବ। ଏହି ଜାତୀୟ ଦିବସ ପାଳନ ଉପଲକ୍ଷେ ବିଦ୍ୟାଳୟ ଓ ମହାବିଦ୍ୟାଳୟସ୍ତରରେ ଓଡିଆ ଏବଂ ଇଂରାଜୀ ବକ୍ତୃତା ଓ ପ୍ରବନ୍ଧ, ଦେଶାତ୍ମବୋଧ ସଙ୍ଗୀତ ଓ ସାଧାରଣଜ୍ଞାନ ପ୍ରତିଯୋଗିତା ସ୍ଥାନୀୟ ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହେବ। ଏହି ପ୍ୟାରେଡ ସକାଶେ ଆୟୋଜିତ ହେବାକୁ ଥିବା ଜାତୀୟ କାର୍ଯ୍ୟକ୍ରମ ସମ୍ପର୍କରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରବି ନାରାୟଣ ବେହେରା ସମସ୍ତ ଆନୁଷଙ୍ଗିକ ବ୍ୟବସ୍ଥା ସମ୍ପର୍କରେ ଅବଗତ କରାଇଥିଲେ । ଅପରାହ୍ନ ରେ ଛତ୍ରପୁରସ୍ଥିତ ଜିଲା ନଗର ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷଠାରେ ଦେଶାତ୍ମବୋଧ ବହୁଭାଷୀ କବିତାପାଠୋତ୍ସବ ସାହିତ୍ୟ ସଂସଦ ଆନୁକୂଲ୍ୟରେ ଅନୁଷ୍ଠିତ ହେବ। ଜିଲା ପ୍ରଶାସନ ଏକାଦଶ ଓ ଛତ୍ରପୁର ଟାଉନ ଏକାଦଶ ମଧ୍ୟରେ ବନ୍ଧୁତ୍ୱପୂର୍ଣ୍ଣ ଫୁଟବଲ ମ୍ୟାଚ ସ୍ଥାନୀୟ ଷ୍ଟାଡିୟମରେ ଅନୁଷ୍ଠିତ ହେବ। ସନ୍ଧ୍ୟାରେ ଜିଲା ସଂସ୍କୃତି ଭବନ ଠାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ବୈଠକରେ ଏନଏସି ଅଧ୍ୟକ୍ଷା ଶର୍ମିଷ୍ଠା ପ୍ରଧାନ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅଜୟ କୁମାର ମିଶ୍ର, ଉପଖଣ୍ଡ ଚିକିତ୍ସାଳୟ ଅଧିକାରୀ ଡଃ ଏସ. ସାହୁ ସମସ୍ତ ଶିକ୍ଷାନୁଷ୍ଠାନର ମୁଖ୍ୟ ପ୍ରମୁଖ ଯୋଗଦେଇଥିଲେ।

# ଧାନ ଗଛ ଲଗାଇ ପ୍ରତିବାଦ



କାଦୁଅ ରାସ୍ତାରେ ଧାନ ଗଛ ଲଗାଉଛନ୍ତି ଚାଷୀ

ପୋଲସରା,୩୦।୭(ସୁବ୍ରତ ବେହେରା)

**ରାସ୍ତା ନିର୍ମାଣରେ ଦୁର୍ନୀତ**

■ତଦନ୍ତ କରିବାକୁ ଯାଇ ହଟହଟା ହେଲେ ଜିଆର୍‌ଏସ୍, ଏବିଡିଓ

ଗଞ୍ଜାମ ଜିଲା ପୋଲସରା ବ୍ଲକ ଅନ୍ତର୍ଗତ ସନ୍ଦିପଦରଠାରୁ ହଜରୋଡ଼ ପର୍ଯ୍ୟନ୍ତ ରାସ୍ତା ନିର୍ମାଣରେ ମହା ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଛି। ଅଟକଳ ମୂଲ୍ୟ ୭ ଲକ୍ଷ ଟଙ୍କା ଏକ ପୁରୁଣା ନାମ ଫଳକରେ ଦର୍ଶାଯାଇଥିବା ବେଳେ କାର୍ଯ୍ୟର ଆରମ୍ଭ ତାରିଖ ଓ ଶେଷ ତାରିଖ ଲେଖା ଯାଇନାହିଁ। କିନ୍ତୁ ଉକ୍ତ ରାସ୍ତା ନିର୍ମାଣ କାର୍ଯ୍ୟରେ କେବଳ ପୋଖରୀରୁ ପଙ୍କ ମାଟି ପକାଇ ୪ ଲକ୍ଷ ୫୮ ହଜାର ୮୩୨ ଟଙ୍କା ଉଠାଣ ହୋଇଥିବା ଅନଲାଇନରେ ଦର୍ଶାଯାଇଛି। ଅଭିଯୋଗକୁ ନେଇ ଗତ ୨୬ ତାରିଖରେ 'ଧରିତ୍ରୀ'ରେ ଖବର ପ୍ରସାରଣ ପରେ ରବିବାର ଏବିଡିଓ ଧର୍ମରାଜ ପରିଡ଼ା ଓ ପଞ୍ଚାୟତ ଗ୍ରାମ ରୋଜଗାର ସେବକ ଶୁଭେନ୍ଦୁ ବିକାଶ ପାତ୍ର ତଦନ୍ତ ପାଇଁ ଯାଇଥିଲେ। ଉକ୍ତ ରାସ୍ତାରେ ଚାଷୀମାନେ ଧାନ ଗଛ ଲଗାଇ ପ୍ରତିବାଦ କରିଥିଲେ। ଦୁଇ ଜଣ ଅଫିସର ନିଜ ଚପଲକୁ ନିଜ ହାତରେ ଧରି କାଦୁଅ ରାସ୍ତାରେ ଚାଲି ଆସୁଥିବା ଦେଖିବାକୁ ମିଳିଥିଲା। ତେବେ ଦୁର୍ନୀତି ସମ୍ପର୍କରେ ପଚାରିବାରୁ କୌଣସି ପ୍ରତିକ୍ରିୟା ରଖିବାକୁ ମନା କରି ଦେଇଥିଲେ।

# ମାଟିତଳୁ ଯୁବତୀଙ୍କ ଅର୍ଦ୍ଧ ଉଲଗ୍ନ ମୃତଦେହ ଜବତ



ହିଞ୍ଜିଳିକାଟୁ/କୁକୁଡ଼ାଖଣ୍ଡି, ୩୦।୭
(ଦ୍ୱିତୀକୃଷ୍ଣ ପଣ୍ଡା/ପ୍ରତାପ କୁମାର ସାହୁ)

**ହତ୍ୟା ପରେ ପୋତି ଦିଆଯାଇଥିବା ସନ୍ଦେହ**

ଗଞ୍ଜାମ ଜିଲା ହିଞ୍ଜିଳି ଥାନା ତଥା କୁକୁଡାଖଣ୍ଡି ତହସିଲ ଅଧୀନ ବୋରିଗାଁ ପଞ୍ଚାୟତର ମହୁଲପଲ୍ଲୀରେ ମାଟିତଳୁ ଜଣେ ଯୁବତୀଙ୍କ ଅର୍ଦ୍ଧ ଉଲଗ୍ନ ମୃତଦେହକୁ ପୋଲିସ ରବିବାର ଜବତ କରିଛି। ଯୁବତୀଙ୍କ ପରିଚୟ ମିଳି ନ ଥିବା ବେଳେ ବୟସ ପାଖାପାଖି ୧୮ରୁ ୨୨ ମଧ୍ୟରେ ହେବ। ତାଙ୍କୁ କେହି ହତ୍ୟା କରି ପୋତି ଦେଇଥିବା ସନ୍ଦେହ କରାଯାଉଛି। ମହୁଲପଲୀର ଏକ ପରିବାରର ନିଜ ଜମିରେ ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ପୁରୁଷାନୁକ୍ରମେ ମୃତଦେହ ସତ୍କାର କରିଥାନ୍ତି। ସେଠାରେ ସମାଧି ମଧ୍ୟ ନିର୍ମାଣ କରିଛନ୍ତି। ଗ୍ରାମର ଝୁନୁ ନାୟକ ରବିବାର ଉକ୍ତ ସମାଧି ସ୍ଥାନ ଦେଇ ବିଲକୁ କାମ କରିବା ପାଇଁ ଯିବା ବେଳେ ସମାଧି ନିକଟରେ ମାଟି ଖୋଳାଯାଇଥିବା ଦେଖିଥିଲେ। ସେଠାରେ ଅନ୍ୟ କିଛି ସାମଗ୍ରୀ ମଧ୍ୟ ପଡ଼ିଥିଲା। ସନ୍ଦେହ ହେବାରୁ ଝୁନୁ ସରପଞ୍ଚ ଓ ସମିତି ସଭ୍ୟଙ୍କୁ ଜଣାଇଥିଲେ। ପରେ ହିଞ୍ଜିଳି ଥାନା ଅଧିକାରୀ ଅଭିମନ୍ୟୁ ଦାସ ଓ ପୋଲିସ ଟିମ ମାଟି ଖୋଳିବାରୁ ଯୁବତୀଙ୍କ ମୃତଦେହ ମିଳିଥିଲା। ଉକ୍ତ ଖାଲରେ ଶବ ସହ ପଡ଼ିଥିବା ଲୁଣ, ଏକ ଚେନ ଓ ଅନ୍ୟାନ୍ୟ ସାମଗ୍ରୀ ମଧ୍ୟ ପୋଲିସ ଜବତ କରିଛି। ଖବରପାଇ କୁକୁଡାଖଣ୍ଡି ଅତିରିକ୍ତ ତହସିଲଦାର ସ୍ୱାଗତିକା ରଥ ଏବଂ ଆସିକା ଏସ୍‌ଡିପିଓ ଉମାଶଙ୍କର ସିଂ ପହଞ୍ଚି ଅନୁଧ୍ୟାନ କରିଛନ୍ତି । ମୃତଦେହ ଜବତ ପରେ ବ୍ରହ୍ମପୁର ବଡ ମେଡିକାଲକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଛି । ଏ ନେଇ ହିଞ୍ଜିଳି ଥାନାରେ ନଂ. ୧୩/୨୩ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

## ଜିଲା ଯୋଜନା କମିଟି ଅଧ୍ୟକ୍ଷଙ୍କ ଦାୟିତ୍ୱ ଗ୍ରହଣ

ଫୁଲବାଣୀ, ୩୦।୭(ରାକେଶ କୁମାର ରାଉତ)

ଜିଲା ଯୋଜନା କମିଟିର ନୂତନ ଅଧ୍ୟକ୍ଷ ଭାବେ ବାଲିଗୁଡା ବିଧାୟକ ଚକ୍ରମଣି କହଁର ଦାୟିତ୍ୱ ଗ୍ରହଣ କରିଛନ୍ତି। ଶୁକ୍ରବାର ବିଧାୟକ କହଁର ଜିଲା ଯୋଜନା କାର୍ଯ୍ୟାଳୟକୁ ଆସିବା ପରେ ଜିଲା ଯୋଜନା ଅଧିକାରୀ ଭୀମସେନ ବାର୍ଲା ପୁଷ୍ପଗୁଚ୍ଛ ଦେଇ ତାଙ୍କୁ ସ୍ୱାଗତ କରିଥିଲେ। ଜିଲା ମୁଖ୍ୟ ନିର୍ବାହୀ ଅଧିକାରୀ ରାଜେନ୍ଦ୍ର କୁମାର ରଣଜିତ ଉପସ୍ଥିତ ରହି ଅଧ୍ୟକ୍ଷ କହଁରଙ୍କୁ ନୂତନ ଦାୟିତ୍ୱ ସମ୍ପର୍କରେ ଆବଶ୍ୟକୀୟ ସୂଚନା ପ୍ରଦାନ କରିଥିଲେ । ବିଧାୟକ ଯୋଜନା ଅଧିକାରୀ ଏବଂ କର୍ମଚାରୀମାନଙ୍କ ସହ ଆଲୋଚନା କରି ଆଗାମୀ କାର୍ଯ୍ୟପନ୍ଥା ନେଇ ପରାମର୍ଶ ଦେଇଥିଲେ। ପରେ ଜିଲାପାଳ ଆଶିଷ ଈଶ୍ୱର ପାଟିଲଙ୍କୁ ଭେଟି ବିଧାୟକ କହଁର ଆଲୋଚନା କରିଥିଲେ। ସୂଚନାଯୋଗ୍ୟ, ପୂର୍ବରୁ ମନ୍ତ୍ରୀ ବିକ୍ରମ ଆରୁଖ ଓ ଶ୍ରୀକାନ୍ତ ସାହୁ ଏହି ପଦବୀରେ ରହିଥିଲେ। ଏହି ପଦବୀ ଖାଲି ପଡିବା ପରେ ରାଜ୍ୟ ସରକାର ବିଧାୟକ ଚକ୍ରମଣୀଙ୍କୁ ଏହି ପଦବୀରେ ନିଯୁକ୍ତି ଦେଇଥିଲେ ।

# ଶ୍ରୀଅରବିନ୍ଦ ପାଠଚକ୍ର ସମ୍ମିଳନୀ

ବ୍ରହ୍ମପୁର,୩୦।୭(ସ୍ମୃତି ରଞ୍ଜନ ମହାଲିକ)

ଶ୍ରୀଅରବିନ୍ଦ ପାଠଚକ୍ର କମିଟି ଆନୁକୁଲ୍ୟରେ ଶନିବାର ଗୋସାଣୀ ନୂଆଗାଁ ମୀରାବିହାରସ୍ଥିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରଠାରେ ଶ୍ରୀଅରବିନ୍ଦ ପାଠଚକ୍ର ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗଞ୍ଜାମ ଜିଲାର ୫୦୦ ପାଠଚକ୍ର ଓ ୩୭ଟି ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ପ୍ରାୟ ୭୦୦ ମାତୃଭକ୍ତ ଓ ଶିକ୍ଷୟତ୍ରୀ ଶିକ୍ଷକ ଯୋଗ ଦେଇଥିଲେ। ନିଖିଳ ଉତ୍କଳ ଶ୍ରୀଅରବିନ୍ଦ ପାଠଚକ୍ରର ସଭାପତି ଗଦାଧର ମିଶ୍ର, ନବ ଜୀବନ ଶିକ୍ଷା ସଂଗଠନର ସମ୍ପାଦକ ପ୍ରସାଦ ତ୍ରିପାଠୀ, ନିଖିଳ ଉତ୍କଳ ମହିଳା ପାଠଚକ୍ରର ଆବାହିକା ବିଜୟିନୀ ମହାପାତ୍ର ଓ ପ୍ରବକ୍ତା ଅଧ୍ୟାପକ କପିଳ ପ୍ରସାଦ ତ୍ରିପାଠୀ ପ୍ରମୁଖ ଯୋଗ ଦେଇଥିଲେ। ଆସ ଆମେ ଭବିଷ୍ୟତକୁ ଲକ୍ଷ୍ୟ ପ୍ରଦାନ କରିବା ପ୍ରସଙ୍ଗ ଉପରେ ଅତିଥିମାନେ ମତ ପ୍ରକାଶ କରିଥିଲେ। ଶ୍ରୀଅରବିନ୍ଦ ହେଉଛନ୍ତି ଏକାଧାରରେ ଗୌରବମୟ ଅତୀତ, ନିତ୍ୟ ସ୍ମରଣୀୟ। ବର୍ତ୍ତମାନ ଓ ଦିବ୍ୟ ଭବିଷ୍ୟତର ବାର୍ତ୍ତାବହ। ତାଙ୍କର ପ୍ରତିଟି ବାଣୀ ଦିବ୍ୟ ପୃଥିବୀ, ଦିବ୍ୟଜୀବନ ଓ ଦିବ୍ୟ ଭବିଷ୍ୟତ ଗଠନ ପାଇଁ ଏକ ଆଲୋକ ବର୍ତ୍ତିକା। ତାଙ୍କର ମାନବ ଯୁଗ ଚକ୍ର ଗ୍ରନ୍ଥରେ ଆସନ ଆଧ୍ୟାତ୍ମିକ ଯୁଗର ପ୍ରତିଶ୍ରୁତି। ତାଙ୍କରି ଦିବ୍ୟଜୀବନ ଗ୍ରନ୍ଥରେ ପୃଥିବୀର ଦିବ୍ୟରାଜ୍ୟ ପ୍ରତିଷ୍ଠା, ସାଧାରଣ ପ୍ରକୃତି ଦିବ୍ୟପ୍ରକୃତିରେ ରୂପାୟନ, ମାନବ ବ୍ୟକ୍ତି ଦିବ୍ୟ ମାନବରେ ରୂପାନ୍ତରର କଥା ଉଲେଖ ରହିଛି ବୋଲି ଅତିଥିମାନେ କହିଥିଲେ। ତାଙ୍କର ୧୫୦ତମ ଜନ୍ମ ବାର୍ଷିକୀରେ ସମଗ୍ର ବିଶ୍ୱ, ଭାରତବର୍ଷ ଓ ଉତ୍କଳ ମାଟି ତାଙ୍କ ମହିମାରେ ଶତ ମୁଖର ବୋଲି ଅତିଥିମାନେ କହିଥିଲେ।

# ଅଘୋଷିତ ବିଜୁଳି କାଟ୍ ନେଇ ଜନଅସନ୍ତୋଷ

ପାରଳାଖେମୁଣ୍ଡି(ଗିରିଧାରୀ ପରିଚ୍ଛା)/
ଆର.ଉଦୟଗିରି (ମନୋଜ କୁମାର ପାଢ଼ୀ), ୩୦।୭

ଗଜପତିଜିଲା ଗୋଷାଣି ଓ ଆର.ଉଦୟଗିରି ବ୍ଲକରେ ଅଘୋଷିତ ବିଦ୍ୟୁତ କାଟ ଜାରିରହିଛି। ଏ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧିପାଇଛି। ଟାଟା ପାୱାର ବିଦ୍ୟୁତ ଆବଣ୍ଟନ ଦାୟିତ୍ୱ ନେବା ପରେ ଜନସାଧାରଣ ତଥା ଉପଭୋକ୍ତାଙ୍କୁ ଦାଉସାଧୁଛି। ଗୋଟିଏ ପଟେ ବିଦ୍ୟୁତ୍ ବିଲ୍ ବଢାଇ ଶୋଷଣ କରୁଥିବା ବେଳେ ଅନ୍ୟପଟେ ବିଦ୍ୟୁତ କାଟକରି ଜନଜୀବନକୁ ଅସ୍ତବ୍ୟସ୍ତ କରିପକାଉଥିବାରୁ ସାଧାରଣରେ ଅସନ୍ତୋଷ ଦାନା ବାନ୍ଧୁଛି। ବିଭାଗୀୟ ଯନ୍ତ୍ରୀ କିମ୍ବା ଟୋଲଫ୍ରି ନମ୍ବରକୁ ଫୋନ କଲେ ଠିକ ଉତ୍ତର ମିଳୁନାହିଁ। ସରକାରୀ ଓ ବେସରକାରୀ କାର୍ଯ୍ୟ ଠପ୍ ହୋଇଯାଉଛି। ମୋବାଇଲ ଟାୱାର ଗୁଡିକ ମଧ୍ୟ ଠିକ ଭାବେ କାର୍ଯ୍ୟକ୍ଷମ ହେଉନାହିଁ। ଏନେଇ ଗାରବନ୍ଧ, ଗୋଷାଣି, ଜଙ୍ଗଲପାଡୁ, ଉପଲଡା ଆଦି ଗ୍ରାମାଞ୍ଚଳବାସୀ କହିଛନ୍ତି ଯେ, ଯଦି ଆଗାମୀ ଦିନରେ ଏପରି ଲାଗିରହେ ତେବେ ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବାକୁ ବାଧ୍ୟ ହେବୁ। ଆଇନଶୃଙ୍ଖଳା ବିଗିଡିଲେ କେବଳ ଟିପିଏସ୍‌ଓଡିଏଲ୍ ହିଁ ଦାୟୀ ରହିବ ବୋଲି ଚେତାବନୀ ଦେଇଛନ୍ତି। ସେହିପରି ଆର.ଉଦୟଗିରି, ଛେଳିଗଡ, ରାମଗିରି, ଛେଳାଗଡ, ମହେନ୍ଦ୍ରଗଡ, ନୂଆଗଡ, ଖଜୁରିପଦା, ବଡପଦା, କେରେଡାଙ୍ଗ ଓ ବିଭିନ୍ନ ଗ୍ରାମରେ ଦିନକୁ ୧୫ରୁ ଉର୍ଦ୍ଧ୍ୱ ଥର ବିଦ୍ୟୁତ କାଟ୍ ହେଉଛି। ବିନା ବର୍ଷା,ପବନ ଓ କାଳବୈଶାଖୀ ନଥାଇ ବି ପ୍ରାୟ ଘଣ୍ଟା ଘଣ୍ଟା ବିଦ୍ୟୁତ ରହୁନି। ଏହି ସମ୍ପର୍କରେ ଆର.ଉଦୟଗିରି ବିଦ୍ୟୁତ ବିଭାଗର ଏସଡିଓଙ୍କୁ ପଚାରିବାରୁ ସେ କହନ୍ତି ମୋହନାରୁ କଟାଯାଇଛି। ଆମର ପାୱାରକଟ୍ କରାଯାଉନାହିଁ ବୋଲି ସଫେଇ ଦେଉଛନ୍ତି।

# ଦାରିଦ୍ର୍ୟର କଷାଘାତରେ ଆରତି

ମୋହନା,୩୦।୭(ମନ୍ମଥ ମିଶ୍ର)

**ଅନ୍ଧାରରେ ୪ ପିଲାଙ୍କ ଭବିଷ୍ୟତ**

■ ପଢ଼ିବା ବୟସରେ ମୂଲ ଲାଗୁଛନ୍ତି

■ ସରକାରୀ ସାହାଯ୍ୟ ଦାବି



ପରିବାର ସହ ଆରତି।

ଗଜପତି ଜିଲା ମୋହନା ବ୍ଲକ ପାହାଡିଆ ଦୁର୍ଗମ ଆଦିବାସୀ ଅଧ୍ୟୁଷିତ ଗରଡମା ପଞ୍ଚାୟତର ବାକିମା ଗ୍ରାମର ଆରତୀ ବେହେରା ମାଝୀ। ସ୍ୱାମୀ ଦେବେନ୍ଦ୍ର ବେହେରା ମାଝୀ ଆରପାରିକୁ ଚାଲିଯିବା ପରେ ଚାରିପ୍ରାଣୀ କୁଟୁମ୍ବ ଏବେ ଅସହାୟ। ମୁଣ୍ଡ ଗୁଞ୍ଜିବାକୁ ଭଲ ଘର ଖଣ୍ଡେ ନଥିବା ବେଳେ ଦୁଇ ଓଳି ଚୁଲି ଜଳିବା ମଧ୍ୟ ସମ୍ଭବ ହେଉନାହିଁ। ଚାରିଜଣ ଛୋଟ ପିଲାଙ୍କୁ ନେଇ ଭାଗ୍ୟକୁ ଆଦରି ଜୀବନ ବିତାଉଛନ୍ତି ଆରତି। ଖେଳକୁଦ, ପାଠ ପଢ଼ିବା ବୟସରେ ପିଲାମାନେ ଅନ୍ୟର ମଜୁରି ଲାଗି, ଜଙ୍ଗଲରୁ କନ୍ଦା ସଂଗ୍ରହ କରି ନିଜ ମା'କୁ ସହଯୋଗ କରୁଛନ୍ତି। ବିଧବା ବୁଢୀ ମା' କାଠ ଚିରିବା ବେଳେ କଅଁଳିଆ ହାତରେ କାଠ ବଢାଇ ଦେଉଛନ୍ତି ନାତି ନାତୁଣୀ। ପିଲାଙ୍କ ଭବିଷ୍ୟତ କଥା ଚିନ୍ତାକରି ବାହୁନି ବାହୁନି କାନ୍ଦିବା ସହିତ ସରକାଙ୍କ ଠାରୁ କିଛି ସାହାଯ୍ୟ ଆଶା କରିଛନ୍ତି ଆରତି। ପୁଅ ସାଉଲ ବେହେରା ମାଝୀ ନିକଟସ୍ଥ ଗ୍ରାରେ ୫ମ ଶ୍ରେଣୀ ଉତ୍ତୀର୍ଣ୍ଣ ହେବା ପରେ ଅର୍ଥାଭାବରୁ ପାଠ ଛାଡିଲେ। ସେହିପରି ଝିଅ ସୁଜନ୍ତି ୪ର୍ଥ ଶ୍ରେଣୀରୁ ପାଠ ଛାଡି ମା'ଙ୍କ କାମରେ ହାତ ମିଶାଉଛନ୍ତି। ଅନ୍ୟ ଦୁଇପୁଅ ଶିପନିଆନ ଓ ବାବୁସାନ ସେମାନଙ୍କ ଅବସ୍ଥା ମଧ୍ୟ ସମାନ। ଗ୍ରାମର ଲୋକେ ସେମାନଙ୍କ ଦୁର୍ଦ୍ଦଶାକୁ ହୃଦୟଙ୍ଗମ କରି ଦିନେ ଦି'ଓଳି ସାହାଯ୍ୟ କରୁଛନ୍ତି। ଏଣୁ ବାପା ଛେଉଣ୍ଡ ପିଲାଙ୍କ ପାଠ ପଢିବା ବ୍ୟବସ୍ଥା କରି ଆରତିଙ୍କୁ ମୁଣ୍ଡ ଗୁଞ୍ଜିବା ଲାଗି ଛୋଟ ଆବାସଟିଏ ସରକାର ଯୋଗାଇଦେବାକୁ ଗ୍ରାମବାସୀ ଗୁହାରି କରିଛନ୍ତି।

# ଅସ୍ଥାୟୀ କାଠପୋଲ ନିର୍ମାଣ କଲେ ଆଦିବାସୀ ଯୁବକ

**ଶୁଣିଲାନି ପ୍ରଶାସନ**



କ.ନୂଆଗାଁ ୩୦।୭(କାଳୀ ପ୍ରସାଦ ତ୍ରିପାଠୀ)

କ.ନୂଆଗାଁ ବ୍ଲକର ଆଡିମାହା ପଞ୍ଚାୟତର ବିନ୍ଦୁପଦର ଗାଁ ଏକ ଜଙ୍ଗଲ ପାହାଡ଼ ଘେରାରେ ଅବସ୍ଥିତ। ଏହି ଗାଁରେ ୩୦ ଆଦିବାସୀ ପରିବାର ବସବାସ କରନ୍ତି। ହେଲେ ବିନ୍ଦୁପଦର ଗାଁକୁ ଭଲ ରାସ୍ତା ନ ଥିବାରୁ ଲୋକମାନେ କଟାରି ନାଳ ପାର ହୋଇ ଅନ୍ୟ ଗାଁକୁ ଯିବା ଆସିବା କରନ୍ତି। ବର୍ଷା ହେଲେ ଉକ୍ତ ନାଳରେ ପାଣି ଭର୍ତ୍ତି ହୋଇଯାଉଥିବାରୁ ଯାତାୟାତରେ ଲୋକମାନେ ବହୁ ଅସୁବିଧା ଭୋଗୁଛନ୍ତି। ବର୍ଷା ଦିନରେ ତିନି କିଲୋମିଟର ଦୂର ଆଡିମାହା ପଞ୍ଚାୟତକୁ ଯାଇ ପି.ଡି.ଏସ୍. ଚାଉଳ ଆଣିବାରେ ଅସୁବିଧା ହେଉଥିବା ବେଳେ ଛାତ୍ରୀଛାତ୍ରମାନେ ସ୍କୁଲ ଯିବା ପାଇଁ ବିପଜ୍ଜନକ ଅବସ୍ଥାରେ ନାଳ ପାର ହୋଇ ଯିବାଆସିବା କରନ୍ତି। ଏହି ସମୟରେ କାହାର ସ୍ୱାସ୍ଥ୍ୟ ଖରାପ ହେଲେ ଅବସ୍ଥା ଆହୁରି ସଙ୍କଟାପନ୍ନ ହୋଇଯାଏ। ତେଣୁ ଏହି ନାଳ ଉପରେ ଏକ ଅସ୍ଥାୟୀ ପୋଲ ନିର୍ମାଣ କରିବାକୁ ଗାଁଲୋକ ସ୍ଥାନୀୟ ପ୍ରଶାସନ ଓ ଜନ ପ୍ରତିନିଧିମାନଙ୍କୁ ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିଲା ନାହିଁ। ଫଳରେ ବିନ୍ଦୁପଦର ଗ୍ରାମର ଡଗିସା ମଲିକ ଗ୍ରାମବାସୀଙ୍କ ସମସ୍ୟାର ସମାଧାନ ନିମନ୍ତେ ନିଜସ୍ୱ ସ୍ୱଳ୍ପ ସଞ୍ଚିତ ଦଶ ହଜାର ଟଙ୍କା ଓ ଗ୍ରାମବାସୀଙ୍କର ଶ୍ରମ ଦାନ ଫଳରେ କଟାରୀ ନାଳ ଉପରେ ତିନି ମାସରେ ଶହେ ଫୁଟର ଏକ ଅସ୍ଥାୟୀ କାଠ ପୋଲ ନିର୍ମାଣ କରିଥିଲେ। ପୋଲଟି ନିର୍ମାଣ ହେବା ଯୋଗୁ ଲୋକମାନେ ସୁବିଧାରେ ଯାତାୟାତ କରିପାରୁଛନ୍ତି। ଏ ସମ୍ପର୍କରେ କ.ନୂଆଗାଁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଜୟଦେବ ଦାସ କହିଛନ୍ତି, ବିନ୍ଦୁପଦର ଗ୍ରାମରୁ କୌଣସି ଅଭିଯୋଗ ଆସି ନାହିଁ। ବ୍ଲକର ଅନ୍ୟ କେତେକ ସ୍ଥାନରୁ ପୋଲ ନିର୍ମାଣ ନିମନ୍ତେ ଦରଖାସ୍ତ ଆସିଛି, ସେଗୁଡ଼ିକୁ ମୁଁ ସରକାରଙ୍କ ନିକଟକୁ ପଠାଇଛି।

**କୁକୁର ପାଇଁ କାର୍ ଦୁର୍ଘଟଣା: ୬ ଆହତ**

**ଦିଗପହଣ୍ଡି,(ଅଶେଷ ନାଥ ମିଶ୍ର):** ଦିଗପହଣ୍ଡି ଥାନା ଘୋଡାହାଡ ଡ୍ୟାମ ରାସ୍ତାର ଭୃଷୁଣ୍ଡା ଗ୍ରାମ ନିକଟରେ ରବିବାର ଏକ କାର୍ ଦୁର୍ଘଟଣାରେ ୬ ଜଣ ଆହତ ହୋଇଛନ୍ତି। ସେମାନେ ହେଲେ ବ୍ରହ୍ମପୁର ସହରର ଟି.ଶକୁନ୍ତଳା, ଟି.ଉଦୟ ରାଓ ଦୋରା, ସ୍ମୃତିରେଖା ଦୋରା, ଡିଡି ରାଓ, ଟି.ଅନ୍ନପୂର୍ଣ୍ଣା ରେଡି ଏବଂ ପି.ଏସ.ରାଓ। କାରଟି ଘୋଡାହାଡଠାରୁ ବ୍ରହ୍ମପୁର ଅଭିମୁଖେ ଆସୁଥିବା ବେଳେ ହଠାତ ଏକ କୁକୁର ଗାଡି ଆଗକୁ ଆସିଯାଇଥିଲା। କୁକୁରଟିର ଜୀବନ ବଞ୍ଚାଇବାକୁ ଯାଇ ଚାଳକ ଜଣକ ଗାଡିରୁ ନିୟନ୍ତ୍ରଣ ହରାଇବା ପରେ ଏହା ରାସ୍ତା କଡରେ ଥିବା ଏକ ଗଛକୁ ଧକ୍କା ଦେଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଆହତମାନଙ୍କୁ ଦିଗପହଣ୍ଡି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଶକୁନ୍ତଳା ଏବଂ ଉଦୟରାଓଙ୍କୁ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।

## ଆଜି କ'ଣ କେଉଁଠି

**ବ୍ରହ୍ମପୁର**
- ବିଜୁଳି କର୍ମଚାରୀ ସଂଘର ବିକ୍ଷୋଭ। ସ୍ଥାନ– ଟିପିଏସଓଡିଏଲ କାର୍ଯ୍ୟାଳୟ ସମୟ–ମଧ୍ୟାହ୍ନ ୧୨ ଟା।

**ସୋରଡ଼ା**
- ଶ୍ରୀବଡମା'ଙ୍କ ଜନ୍ମୋତ୍ସବ, ସ୍ଥାନ– ସୀତାରାମ ପେଣ୍ଠ, ସମୟ– ସକାଳ ୫ଟା।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଜ୍ଞାନବିଜ୍ଞାନ ମେଳା

ଛତ୍ରପୁର,୩୦।୭(ସନ୍ତୋଷ ପାଢ଼ୀ )

ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ବିଦ୍ୟାଳୟସ୍ତରୀୟ ଜ୍ଞାନ-ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ସରକାରୀ ବିଜ୍ଞାନ ମହାବିଦ୍ୟାଳୟ ଅଧ୍ୟକ୍ଷ କିଶୋର କୁମାର ବେହେରା ମୁଖ୍ୟଅତିଥି ରୂପେ ଯୋଗ ଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ପ୍ରଧାନାଚାର୍ଯ୍ୟ ରବୀନ୍ଦ୍ରନାଥ ଦାଶ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସଂକୁଳ ପ୍ରମୁଖ ଜେ. କୁର୍ମାରାଓ, ବିଦ୍ୟାଳୟ ସଭାପତି ଉପେନ୍ଦ୍ର ମହାନ୍ତି, ସମ୍ପାଦକ ପଦ୍ମଚରଣ ସାହୁ, କୋଷାଧ୍ୟକ୍ଷ ଏ.ରାବଣା ରାଓ ପ୍ରମୁଖ ଯୋଗ ଦେଇ ଶିଶୁଙ୍କୁ ଉତ୍ସାହିତ କରିଥିଲେ। ଶିକ୍ଷାବିତ୍ ଜଗନ୍ନାଥ ପଣ୍ଡା, ଆଇନଜୀବୀ ପ୍ରଶାନ୍ତ ଶତପଥୀ, ପୂର୍ବତନ ବିଧାୟକ ଅଶୋକ ଚୌଧୁରୀ ଓ ବହୁ ଅଧ୍ୟାପିକା, ଅଧ୍ୟାପିକ, ଶିକ୍ଷୟତ୍ରୀଶିକ୍ଷକ, କଳାପ୍ରେମୀ, ମୂର୍ତ୍ତି କାରିଗର ବିଚାରକ ଭାବେ ଯୋଗ ଦେଇ ପ୍ରାୟ ୩୧୪ ପ୍ରକଳ୍ପର ମୂଲ୍ୟାଙ୍କନ କରିଥିଲେ। ବରିଷ୍ଠ ବିଜ୍ଞାନ ଆଚାର୍ଯ୍ୟ କୈଳାସ ଚନ୍ଦ୍ର ଶତପଥୀ ଉପସ୍ଥିତ ଥିଲେ। ବରିଷ୍ଠ ଆଚାର୍ଯ୍ୟ ଟି. ସୁରେଶ ଆଚାରୀ ଧନ୍ୟବାଦ ଅର୍ପଣ କରିଥିଲେ।

## ସାପ କାମୁଡାରେ ୨ ଭାଇ ଗୁରୁତର

ଛତ୍ରପୁର ୩୦।୭(ସନ୍ତୋଷ ପାଢ଼ୀ )

ଛତ୍ରପୁର ବ୍ଲକ ଅଧିନ ଚିକଲଖଣ୍ଡି ଗ୍ରାମରେ ସାପ କାମୁଡ଼ାରେ ୨ ଭାଇ ଗୁରୁତର ଆହତ ହୋଇଛନ୍ତି । ସେମାନେ ହେଲେ ଉକ୍ତ ଗ୍ରାମର ଶ୍ରୀନୁ ରେଡି ଓ ଜଗଦୀଶ ରେଡି । ଦୁଇ ଭାଇ ଘରେ ଶୋଇଥିବା ବେଳେ ବିଳମ୍ବିତ ରାତିରେ ଏକ ଚିତିସାପ କାମୁଡିଥିଲା । ପରିବାର ଲୋକେ ତୁରନ୍ତ ସେମାନଙ୍କୁ ବ୍ରହ୍ମପୁର ବଡ ମେଡିକାଲକୁ ନେଇଯାଇଛନ୍ତି।

## ଲୁହାରଡରେ ପିଟି ହତ୍ୟା ଉଦ୍ୟମ : ଅଭିଯୁକ୍ତ ଗିରଫ

ଦିଗପହଣ୍ଡି,୩୦।୭(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ଥାନା କଇଠଡା ପଞ୍ଚାୟତ କୃଷ୍ଣଚନ୍ଦ୍ରପୁରରେ ଲୁହାରଡରେ ପିଟି ହତ୍ୟା ଉଦ୍ୟମ ଅଭିଯୋଗରେ ପୋଲିସ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ସେ ହେଲେ କୃଷ୍ଣଚନ୍ଦ୍ରପୁର ଗ୍ରାମର ଏ. ତୋଫାନ। ଗତ ଶୁକ୍ରବାର ଗୁହାଳରୁ ପାଣି ଛାଡିବାକୁ ନେଇ କୃଷ୍ଣଚନ୍ଦ୍ରପୁର ଗ୍ରାମରେ ଏ.ତ୍ରିନାଥ ପ୍ରଧାନ ଏବଂ ତୋଫାନଙ୍କ ମା' ସୁଶାନ୍ତୀ ପ୍ରଧାନଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ତ୍ରିନାଥଙ୍କ ଝାଡୁ ମାଡରେ ସୁଶାନ୍ତୀ ସାମାନ୍ୟ ଆହତ ହୋଇଥିଲେ। ତୋଫାନ ରାତିରେ ଘରକୁ ଫେରିବା ପରେ ମା'ଙ୍କଠାରୁ ସବୁ ଶୁଣି ତ୍ରିନାଥଙ୍କ ଘରେ ପଶି ତାଙ୍କୁ ଘୋଷାରି ଆଣି ଗାଁ ଦାଣ୍ଡରେ ମାଡ ମାରିଥିଲେ। ପରେ ଘରୁ ଏକ ଲୁହାରଡ ଆଣି ତ୍ରିନାଥଙ୍କୁ ହତ୍ୟାଉଦ୍ୟମ କରିଥିବା ବେଳେ ତାହା ତ୍ରିନାଥଙ୍କଠାରେ ନ ବାଜି ତାଙ୍କ ସ୍ତ୍ରୀ ଜୟନ୍ତୀଙ୍କ ମୁଣ୍ଡରେ ବାଜିଥିଲା। ଆହତ ଜୟନ୍ତୀ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହୋଇ ସକାଳୁ ସ୍ୱାମୀଙ୍କ ସହ ଥାନାରେ ଏତଲା ଦେଇଥିଲେ। ସୁଶାନ୍ତୀ ମଧ୍ୟ ତ୍ରିନାଥଙ୍କ ବିରୋଧରେ ଏତଲା ଦେଇଥିଲେ।

# ଋଣ ଆଦାୟ ପାଇଁ ଆସି ଫାଇନାନ୍ସ କର୍ମଚାରୀ ହଟହଟା

## ୨ ମାମଲା ରୁଜୁ, ଜଣେ ଗିରଫ

ବ୍ରହ୍ମପୁର,୩୦।୭(ସୁବାସ ଚନ୍ଦ୍ର ପାଢ଼ୀ)

ଋଣ ଆଦାୟ କରିବାକୁ ଆସିଥିବା ଅର୍ଥ ଲଗାଣକାରୀ ସଂସ୍ଥା ଭାରତ ମାଇକ୍ରୋ ଫାଇନାନ୍ସ ପ୍ରାଇଭେଟେଡ଼ ଲିମିଟେଡ଼ର ମ୍ୟାନେଜର ଓ କର୍ମଚାରୀଙ୍କୁ ଶନିବାର ହଟହଟା ହେବାକୁ ପଡିଛି। ଜଣେ ଯୁବକ ଉକ୍ତ ସଂସ୍ଥାର ମ୍ୟାନେଜର ମାନସ ରଞ୍ଜନ ସାହୁଙ୍କୁ ଆକ୍ରମଣ କରିଛନ୍ତି। ଏଥିରେ ମ୍ୟାନେଜରଙ୍କ ମୁଣ୍ଡ ଫାଟିଯାଇଛି। କର୍ମଚାରୀମାନେ ତାଙ୍କୁ ଉଦ୍ଧାର କରି ସିଟି ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଚିକିତ୍ସିତ ହେବା ପରେ ମ୍ୟାନେଜର ମାନସ ରଞ୍ଜନ ସାହୁ ଘଟଣାକୁ ନେଇ ଥାନାରେ ଅଭିଯୋଗ କରିଛନ୍ତି। ଅନ୍ୟପଟେ ଆକ୍ରମଣକାରୀଙ୍କ ମା' ସୁଶିଳା ବେହେରା ମ୍ୟାନେଜର ଓ କର୍ମଚାରୀଙ୍କ ବିରୋଧରେ ମଧ ଅଭିଯୋଗ କରିଛନ୍ତି। ପୋଲିସ ଉଭୟ ପକ୍ଷଙ୍କ ଅଭିଯୋଗ ଆଧାରରେ ଦୁଇଟି ମାମଲା ରୁଜୁ କରିଛି। ରବିବାର ମ୍ୟାନେଜରଙ୍କ ଅଭିଯୋଗ ଅନୁଯାୟୀ ବାଙ୍କବିହାରୀ ନଗରର ନିଳା ବେହେରା (୨୭)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

ପ୍ରକାଶ ଯେ, ବାଙ୍କବିହାରୀ ନଗରରେ ରହୁଥିବା ଜଣେ ମହିଳା ଉକ୍ତ ସଂସ୍ଥାରୁ ଗ୍ରୁପ ଲୋନ ବାବଦକୁ ୩୫ ହଜାର ଟଙ୍କା ନେଇଥିଲେ। ନିର୍ଦ୍ଧାରିତ ସମୟରେ ସେ କିସ୍ତି ପରିଶୋଧ କରି ନ ଥିଲେ। ସଂସ୍ଥାର କର୍ମଚାରୀ ମାନେ ତାଙ୍କ ଘରକୁ ଯିବା ବେଳେ ଘରେ ଚାବି ପଡିଥିବା ମ୍ୟାନେଜରଙ୍କୁ ଜଣାଇଥିଲେ। ପରେ ମ୍ୟାନେଜର ସାହୁ ଓ କର୍ମଚାରୀ ମାନେ ସେଠାକୁ ଯାଇଥିଲେ। ସେତେବେଳେ ଉକ୍ତ ଘରେ ବାହାର ପଟୁ ଚାବି ପଡ଼ିଥିଲା। ସେହି ସାହିରେ ରହୁଥିବା ତାଙ୍କର ଭଉଣୀ ସୁଶିଳାଙ୍କ ଘରକୁ ମ୍ୟାନେଜର ଯାଇଥିଲେ। ସୁଶିଳାଙ୍କୁ ସେ ତୁମ ଭଉଣୀ କାହିଁକି ଋଣ କିସ୍ତି ପୈଠ କରୁନାହାନ୍ତି ବୋଲି ପଚାରିଥିଲେ। ମୁ ତୁମ ସଂସ୍ଥାରୁ ଟଙ୍କା ଋଣ ଆଣିନାହିଁ, ଯିଏ ଆଣିଛି ତାଙ୍କୁ ପଚାରନ୍ତୁ ବୋଲି ସୁଶିଳା ମେନେଜରଙ୍କୁ କହିଥିଲେ। ଯାହାକୁ ନେଇ ସେଠାରେ ଉକ୍ତ ସଂସ୍ଥାର କର୍ମଚାରୀ ସୁଶିଳା ଓ ତାଙ୍କ ପୁଅ ନିଳା ବେହେରାଙ୍କ ମଧ୍ୟରେ ପ୍ରବଳ ଯୁକ୍ତିତର୍କ ହୋଇଥିଲା। ଏପରିକି ସେଠାରେ ଉଭୟ ପକ୍ଷଙ୍କ ମଧ୍ୟରେ ଝଗଡା ମଧ ହୋଇଥିଲା। ସେହି ସମୟରେ ନିଳା ଏକ ଇଟାରେ ମ୍ୟାନେଜରଙ୍କ ମୁଣ୍ଡରେ ଆକ୍ରମଣ କରିଥିଲେ। ଉଭୟ ପକ୍ଷଙ୍କ ଅଭିଯୋଗ ଅନୁସାରେ ପୋଲିସ ଏସଂକ୍ରାନ୍ତରେ ୨୯୨/୨୩ ଓ ୨୯୩/୨୩ ରେ ଦୁଇ୨ଟି ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିବା କହିଛି।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

bmpselfie@gmail.com



@ ସନ୍ଦୀପ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ରାଜସ୍ୱ କ୍ଷେତ୍ର ଅଧିକାରୀ ସଂଘର ଜିଲା ସମ୍ମିଳନୀ




ସମ୍ମିଳନୀରେ ଉପସ୍ଥିତ ସଂଘର ସଦସ୍ୟ ବୃନ୍ଦ।

ବ୍ରହ୍ମପୁର,୩୦।୭(ସ୍ମୃତି ରଞ୍ଜନ ମହାଲିକ)

ଓଡିଶା ରାଜ୍ୟ ରାଜସ୍ୱ କ୍ଷେତ୍ର ଅଧିକାରୀ ସଂଘ ଗଞ୍ଜାମ ଜିଲା ଶାଖା ପକ୍ଷରୁ ରବିବାର ଗୋଷାଣୀ ନୂଆଗାଁ ଉତ୍ତରେଶ୍ୱର ଭବନଠାରେ ୧୪ତମ ତ୍ରୟବାର୍ଷିକ ଜିଲା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଘର ରାଜ୍ୟ ସାଧାରଣ ସଂପାଦକ ଏମ. ଡି. ଜାଭେଦ ଅଖତାର ମୁଖ୍ୟ ଅତିଥି, ରାଜ୍ୟ ଯୁଗ୍ମ ସଂପାଦକ ଅରୁଣ କୁମାର ଦାଶ ଓ ଦକ୍ଷିଣାଞ୍ଚଳ ଉପସଭାପତି ଧିରେନ କୁମାର ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମିଳନୀରେ ୨୩ଟି ତହସିଲର ସମସ୍ତ ରାଜସ୍ୱ ପରିଦର୍ଶକ, ରାଜସ୍ୱ ନିରୀକ୍ଷକ ଓ ସହକାରୀ ରାଜସ୍ୱ ନିରୀକ୍ଷକମାନେ ଯୋଗ ଦେଇଥିଲେ। ଏହି ଅବସରରେ ସଂଘର ବିଭିନ୍ନ ଦାବି ସଂପର୍କରେ ଆଲୋଚନା ହୋଇଥିଲା।

### ନୂତନ କାର୍ଯ୍ୟକର୍ତ୍ତା ଚୟନ

ସହକାରୀ ରାଜସ୍ୱ ନିରୀକ୍ଷକଙ୍କ ଶିକ୍ଷାଗତ ଯୋଗ୍ୟତା ଯୁକ୍ତ ୨ ପରିବର୍ତ୍ତେ ଯୁକ୍ତ ୩ କରାଯିବା, ରାଜସ୍ୱ ପରିଦର୍ଶକ ପଦବୀକୁ ସହକାରୀ ତହସିଲଦାର ପଦବୀରେ ପରିବର୍ତ୍ତନ, ରାଜସ୍ୱ ନିରୀକ୍ଷକ ଓ ସହକାରୀ ରାଜସ୍ୱ ନିରୀକ୍ଷକଙ୍କର ଦରମା ୨୦୦୯ ମାର୍ଚ୍ଚ ୨ ପରିବର୍ତ୍ତେ ୨୦୦୬ ଜୁନ ୧ ତାରିଖରୁ ପୁନଃନିର୍ଦ୍ଧାରଣ, ରାଜସ୍ୱ ପରିଦର୍ଶକଙ୍କୁ ବିଭିନ୍ନ ରାଜସ୍ୱ ଅନଲାଇନ ସାଇଟରେ ଆଇଡି ଓ ପାସୱାର୍ଡ ବ୍ୟବସ୍ଥା, ପ୍ରତି ରାଜସ୍ୱ ମଣ୍ଡଳ ଓ ରାଜସ୍ୱ ପରିଦର୍ଶକଙ୍କୁ ଗ୍ରୁପ ଡି କର୍ମଚାରୀ ଯୋଗାଇବା, ପୁରାତନ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟର ପୁନଃନିର୍ମାଣ ଓ ଭଡାଘରେ ରହୁଥିବା କାର୍ଯ୍ୟାଳୟ ନୂତନ ଭାବେ ନିର୍ମାଣ, ବିଭିନ୍ନ ସର୍କଲରେ ଖାଲି ପଡିଥିବା ଆରଆଇ, ଏଆରଆଇ ଓ ପିଅନ ପଦବୀ ପୂରଣ ପାଇଁ ଦାବି ହୋଇଥିଲା। ପରେ ସଂଘର ନୂତନ କାର୍ଯ୍ୟକର୍ତ୍ତା ଚୟନ ହୋଇଥିଲା। ମନୋଜ କୁମାର ନାହାକ ସଭାପତି ହୋଇଥିବା ବେଳେ ଉପସଭାପତି ରୂପେ ଭଞ୍ଜନଗର ଉପଖଣ୍ଡର କୁନ୍ଦନ ପାତ୍ର, ବ୍ରହ୍ମପୁର ଉପଖଣ୍ଡର ଅଶ୍ୱିନୀ ରାଉଳ, ଛତ୍ରପୁର ଉପଖଣ୍ଡର ଦ୍ୱିତୀକୃଷ୍ଣ ଗୌଡ, ଜିଲା ସଂପାଦକ ଭାବେ ନୀଳାଞ୍ଚଳ ବେହେରା, ଯୁଗ୍ମ ସଂପାଦକ ବାପିନା ପ୍ରଧାନ, ସାଂଗଠନିକ ସଂପାଦକ ଅମୀୟ କୁମାର ନାୟକ, କୋଷାଧ୍ୟକ୍ଷ ପ୍ରଭାତ ରାଉଳ, କାର୍ଯ୍ୟାଳୟ ସଂପାଦକ ଗୌତମ ରାଉତ, ମହିଳା ସେଲ ସଂପାଦିକା ଶାଶ୍ୱତୀ କଅଁର ପ୍ରମୁଖ ଚୟନ ହୋଇଥିଲେ। ସଂଘର ଜିଲା ଉପସଭାପତି ଭଗବାନ ପାତ୍ର ସଭାପତିତ୍ୱ କରିଥିଲେ।

## ଘରୁ ସୁନାହାର ଚୋରି, ସମ୍ପର୍କୀୟଙ୍କ ନାଁରେ ଏତଲା

ବ୍ରହ୍ମପୁର,୩୦।୭(ସୁବାସ ଚନ୍ଦ୍ର ପାଢ଼ୀ)

ବଡବଜାରଥାନା ଅନ୍ତର୍ଗତପାଣିଗ୍ରାହୀପେଣ୍ଠ ନିକଟ ଗଣପତି ନଗରରେ ରହୁଥିବା ପି.ରବୀନ୍ଦ୍ର କୁମାର ସୁବୁଦ୍ଧିଙ୍କ ଘରୁ ସ୍ତ୍ରୀ'ଙ୍କ ସୁନାହାର ଚୋରି ହୋଇଛି। ସେ ଏ ନେଇ ବଡବଜାର ଥାନାରେ ଏତଲା ଦେଇଛନ୍ତି। ଗତ ୨୪ ତାରିଖରେ ରବୀନ୍ଦ୍ରଙ୍କ ଘରେ ଭୋଜି ଆୟୋଜନ କରାଯାଇଥିଲା। ଘରକୁ କେତେକ ସମ୍ପର୍କୀୟ ଭୋଜି ଖାଇବାକୁ ଆସିଥିଲେ। ଦିନକ ପରେ ତାଙ୍କ ଆଲମିରାରୁ ପ୍ରାୟ ୨୦ ଗ୍ରାମର ସୁନା ହାରଟି ଗାଏବ ହୋଇଯାଇଛି। ଭୋଜିକୁ ଆସିଥିବା ୧୩ ଜଣ ସମ୍ପର୍କୀୟଙ୍କ ମଧ୍ୟରୁ କେହି ଉକ୍ତ ସୁନାହାର ଚୋରି କରି ନେଇଥିବା ରବୀନ୍ଦ୍ର ସନ୍ଦେହ କରୁଛନ୍ତି। ସେମାନଙ୍କ ନାମରେ ସେ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏସଂକ୍ରାନ୍ତରେ ୨୬୨/୨୩ରେ ଏକ ମାମଲା ରୁଜୁ କରିଛି।

## ଗିରିରୋଡ଼ ସ୍କୁଲ ପୁରାତନ ଛାତ୍ରୀଙ୍କ ବନ୍ଧୁମିଳନ



ବନ୍ଧୁମିଳନ କାର୍ଯ୍ୟକ୍ରମରେ ଯୋଗଦେଇଥିବା ପୁରତାନ ଛାତ୍ରୀବୃନ୍ଦ

ବ୍ରହ୍ମପୁର,୩୦।୭(ତନୁଶ୍ରୀ ନାହାକ)

ଗିରିରୋଡ଼ ସରକାରୀ ମହିଳା ମାଧ୍ୟମିକ ଓ ପ୍ରଶିକ୍ଷଣ ବିଦ୍ୟାଳୟର ୧୯୮୬ ମାଟ୍ରିକ୍ ବ୍ୟାଚ ଛାତ୍ରୀଙ୍କ ବନ୍ଧୁମିଳନ ରବିବାର ଅନୁଷ୍ଠିତ ହୋଇଯାଇଛି। ପୁରାତନ ଛାତ୍ରୀ ତଥା ମହାମାୟୀ ମହିଳା ମହାବିଦ୍ୟାଳୟ ଅଧ୍ୟାପିକା ସ୍ୱର୍ଣ୍ଣଲତା ପଟ୍ଟନାୟକ କାର୍ଯ୍ୟକ୍ରମ ଆୟୋଜନ ଓ ପରିଚାଳନା କରିଥିଲେ। ବନ୍ଧୁମିଳନ କାର୍ଯ୍ୟକ୍ରମରେ ଯୋଗଦେବା ନିମନ୍ତେ ଆଲୁମିନି ଛାତ୍ରୀମାନେ କୁଏତ, ଦିଲ୍ଲୀ, ଆସାମ, ହାଇଦ୍ରାବାଦ ସମେତ ଦେଶ ବିଦେଶର ବିଭିନ୍ନ ପ୍ରାନ୍ତରୁ ୫୦ରୁ ଉର୍ଦ୍ଧ୍ୱ ଜଣ ଯୋଗଦେଇଥିଲେ। ସେମାନେ ବିଦ୍ୟାଳୟ ପାଠପଢ଼ା ସମୟକୁ ମନେ ପକାଇବା ସହ ଅନ୍ତରଙ୍ଗ ଆଳାପ କରିଥିଲେ। ଶିକ୍ଷୟିତ୍ରୀ ସୁଲୋଚନା ପଣ୍ଡା, ସସ୍ମିତା ତ୍ରିପାଠୀ, ସୁଚେତା ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଏମ୍‌କେସିଜି ହୃଦ୍‌ରୋଗ ବିଭାଗରେ ଜଟିଳ ଚିକିତ୍ସା

ବ୍ରହ୍ମପୁର,୩୦।୭(ସୁବାସ ଚନ୍ଦ୍ର ପାଢ଼ୀ)

ମହାରାଜା କୃଷ୍ଣଚନ୍ଦ୍ର ଗଜପତି (ଏମ୍‌କେସିଜି) ମେଡିକାଲ ଓ ହସ୍ପିଟାଲର ହୃଦରୋଗ ବିଭାଗରେ ପୁଣି ଏକ ଜଟିଳ ଚିକିତ୍ସା କରାଯାଇଛି। ଜଣେ ହୃଦରୋଗୀଙ୍କ ଏଜିଓଗ୍ରାମ ପରେ ୩ଟି ରକ୍ତନଳୀରେ ବ୍ଲକେଜ୍ ଥିବା ଜଣାପଡ଼ିଥିଲା। ତନ୍ମଧ୍ୟରୁ ଗୋଟିଏ ନଳୀରେ ଦୁଇଟି ବ୍ଲକେଜ୍ ଅତି ନିକଟରେ ଥିବା ଜଣାପଡ଼ିଥିଲା। ଫଳରେ ଏଭଳି ଚିକିତ୍ସା କଷ୍ଟସାଧ୍ୟ ବ୍ୟପାର ହୋଇଥିଲା। ପରିବାରବର୍ଗଙ୍କ ସହମତି କ୍ରମେ ଗୋଟିଏ ରକ୍ତନଳୀରେ ଦୁଇଟି ଓ ଆଉ ଗୋଟିଏ ବ୍ଲକେଜ୍ ସ୍ଥାନରେ ଗୋଟିଏ ଷ୍ଟେଣ୍ଟ ଲଗା ଯାଇଥିଲା। ଚିକିତ୍ସା ପରେ ରୋଗୀ ସୁସ୍ଥ ରହିଥିବା ଡାକ୍ତରଖାନା ତରଫରୁ କୁହାଯାଇଛି। ହୃଦରୋଗ ବିଭାଗ ମୁଖ୍ୟ ପ୍ରଫେସର ଡା. ଛବି ଶତପଥୀଙ୍କ ସହିତ ପ୍ରଫେସର ଡା. ତ୍ରିନାଥ କୁମାର ମିଶ୍ର, ଡା. ଶୁଭାଶିଷ ସିଂ, ଡା. ସୁନନ୍ଦା ମହାନ୍ତି ପ୍ରମୁଖ ଏହି ଜଟିଳ ଚିକିତ୍ସା କରିଛନ୍ତି। ଏହି ପଦ୍ଧତିର ଚିକିତ୍ସାରେ ଆଇଭିୟୁଏସ୍ (ଇଣ୍ଟ୍ରାଭାସକ୍ୟୁଲାର୍ ଅଲଟ୍ରାସାଉଣ୍ଡ୍ (ଆଇଭିୟୁଏସ୍) ଏବଂ ଓସିଟି (ଅପ୍ଟିକାଲ୍ କୋହେରେନ୍ସ ଟମୋଗ୍ରାଫି) ବ୍ୟବହାର ନିଶ୍ଚିତ ଭାବେ ହେବ। ଏଭଳି ଚିକିତ୍ସା ବଡ଼ଡାକ୍ତରଖାନାରେ ପ୍ରଥମ ବୋଲି ସୂଚନା ଦିଆଯାଇଛି।

# ସ୍ତ୍ରୀ ପରେ ସ୍ୱାମୀଙ୍କ ମୃତଦେହ ଏମ୍‌କେସିଜିକୁ ଦାନ

ବ୍ରହ୍ମପୁର,୩୦।୭(ସୁବାସ ଚନ୍ଦ୍ର ପାଢ଼ୀ)

ମୃତ୍ୟୁ ପରେ ମେଡିକାଲକୁ ଶରୀର ଦାନ ପ୍ରତି ଲୋକଙ୍କ ଆଗ୍ରହ ବଢ଼ିବାରେ ଲାଗିଛି। ଏମ୍‌କେସିଜି ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିବା ଜୟଦୁର୍ଗା ନଗରର ପୂର୍ବତନ ଶିକ୍ଷାବିତ ଭାସ୍କର ସାହୁ (୭୭)ଙ୍କ ମରଶରୀରକୁ ଡାକ୍ତରୀ ଛାତ୍ରଙ୍କ ପାଠପଢ଼ା ପାଇଁ ପରିବାର ଲୋକେ ଦାନ କରିଛନ୍ତି।

ଅବସରପ୍ରାପ୍ତ ଶିକ୍ଷକ ଭାସ୍କର ସମାଜ ସେବାରେ ନିଜକୁ ବ୍ରତୀ କରିବା ସହିତ ଅନ୍ଧବିଶ୍ୱାସ ଓ କୁସଂସ୍କାରକୁ ଦୂରେଇବା ପାଇଁ ସଚେତନତା ବାର୍ତ୍ତା ପ୍ରଚାର କରି ଆସୁଥିଲେ। ୨୦୧୭ରେ ସ୍ତ୍ରୀଙ୍କ ମୃତ୍ୟୁ ପରେ ମରଦେହକୁ ଏମକେସିଜି ମେଡିକାଲ କଲେଜକୁ ଗବେଷଣା ଉଦ୍ଦେଶ୍ୟରେ ପ୍ରଦାନ କରିଥିଲେ। ଶିକ୍ଷାବିତ ଭାସ୍କର ଅସୁସ୍ଥ ହେବାରୁ କିଛିଦିନ ଧରି ଏମକେସିଜିର ଆଇସିୟୁରେ ଭର୍ତ୍ତି ହୋଇଥିଲେ। ମୃତ୍ୟୁ ପରେ ଶରୀରକୁ ଏମକେସିଜି ମେଡିକାଲକୁ ଦାନ କରିବାକୁ ପରିବାର ଲୋକଙ୍କୁ ସେ କହିଥିଲେ। ତେବେ ଚିକିତ୍ସାଧୀନ ଅବସ୍ଥାରେ ଭାସ୍କରଙ୍କ ମୃତ୍ୟୁ ଘଟିଥିଲା। ମୃତଶରୀର ଦାନ ସମୟରେ ଏମ୍‌କେସିଜି ଅନୋଟୋମୀ ବିଭାଗୀୟ ଅଧିକାରୀ ଡ଼. ପ୍ରୀତମ ପ୍ରତ୍ୟୁଷ ଦାସ, ଡ଼. ସନ୍ତୋଷ ତନ୍ମୟ ମହାପାତ୍ର, ସୋନାକ୍ଷୀ ପଟ୍ଟନାୟକ ପ୍ରମୁଖଙ୍କ ସମେତ ସାହୁଙ୍କ ପୁଅ, ଦୁଇ ଝିଅ, ନାତୁଣୀ ଆଶା ଭାରତୀ, ନାତି ଆଶୁତୋଷ ଭାରତୀ କୁମାର ଓ ଅନ୍ୟ ସମ୍ପର୍କୀୟ ମାନେ ଉପସ୍ଥିତ ଥିଲେ। ମହାନସଂଘ ସଭାପତି ସୁଶାନ୍ତ ସାବତଙ୍କ ପ୍ରମୁଖ ତତ୍ତ୍ୱବଧାନରେ ସମସ୍ତ କାର୍ଯ୍ୟ ସମ୍ପାଦିତ ହୋଇଥିବା ବେଳେ ମାନବବାଦୀ ହେତୁବାଦୀ ସଂଗଠନର ଗଞ୍ଜାମ ଜିଲା ସଭାପତି, ଇ. ଟି. ରାଓ, ଜାମୁଲା ସୁରେଶ, ପ୍ରତାପ ପ୍ରଧାନ ଓ ମାନବ ଅଧିକାର ସୁରକ୍ଷା ମଞ୍ଚର ଆବାହକ ଅବନୀ ଗୟା ପ୍ରମୁଖ ଉପସ୍ଥିତ ରହି ଭାସ୍କରଙ୍କ ପରିବାର ଲୋକଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

# ୩ ମୁଖ୍ୟ ଅଭିଯୁକ୍ତ ଗିରଫ

## କୁକୁଡ଼ା ଫାର୍ମ ମାଲିକଙ୍କୁ ବଟି ମାଗିବା ଘଟଣା

■ ପୂର୍ବରୁ ୩ ଗିରଫ ହୋଇଥିଲେ

କୋଦଳା,୩୦।୭(ଅମିତ କୁମାର ପଟ୍ଟନାୟକ)



ଗିରଫ ଅଭିଯୁକ୍ତ।

କୋଦଳା ଥାନା ଅନ୍ତର୍ଗତ କଞ୍ଚଣା ଗ୍ରାମରେ ଥିବା କୁକୁଡ଼ାଫାର୍ମ ମାଲିକ ଦୂତୀକୃଷ୍ଣ ସାହୁଙ୍କୁ ଦାଦାବଟି ମାଗିବା ଏବଂ ଫାର୍ମ ଉପରକୁ ବୋମା ମାଡ଼ କରିବା ଘଟଣାର ୩ ମୁଖ୍ୟ ଅଭିଯୁକ୍ତ ଗିରଫ ହୋଇଛନ୍ତି। ସେମାନେ ହେଲେ ଖଲ୍ଲିକୋଟ ଥାନା ଅନ୍ତର୍ଗତ ମାଣିକପୁର ଗ୍ରାମର ବିଭୂ ଜେନା, ବାଟବ୍ରହ୍ମପୁର ଗ୍ରାମର ରାମ ପଲ ଏବଂ ବେଗୁନିଆପଡା ଥାନା ଅନ୍ତର୍ଗତ ଭଳିଆଝର ଗ୍ରାମର ସଞ୍ଜୟ କୁମାର ବାରିକ। ଅଭିଯୁକ୍ତମାନଙ୍କଠାରୁ ପୋଲିସ ୬ଟି ବୋମା, ଗୋଟିଏ ବନ୍ଧୁକ ଏବଂ ଗୁଳି ଜବତ କରିଛି। ଅଭିଯୁକ୍ତ ବିଭୂଙ୍କ ନାମରେ ଝାରସୁଗୁଡା, ଖୋର୍ଦ୍ଧା ଜିଲା ବାଣପୁର, ଖଣ୍ଡଗିରି ଥାନା, ଭୁବନେଶ୍ୱର ତମାଣ୍ଡୋ ଥାନା, ଖଲ୍ଲିକୋଟ ଏବଂ କୋଦଳା ଥାନାରେ ମୋଟ ୧୫ଟି ମାମଲା ରହିଛି। ଉକ୍ତ ମାମଲାରେ ପୂର୍ବରୁ ମୁନା ଗୌଡ଼, ଟୁନା ଗୌଡ଼ ଏବଂ ସଂକର୍ଷଣ ସାହୁଙ୍କୁ ପୋଲିସ ଗିରଫ କରିଥିଲା। ମୁଖ୍ୟ ଅଭିଯୁକ୍ତ ବିଭୂ ବ୍ୟବହାର କରୁଥିବା ମୋବାଇଲ ଫୋନରୁ ରାମ ପଲ ଏବଂ ସଞ୍ଜୟ ମିଶି କୁକୁଡ଼ାଫାର୍ମ ମାଲିକ ଦୂତୀକୃଷ୍ଣଙ୍କୁ ଦାଦାବଟି ମାଗିଥିଲେ। ସେ ଟଙ୍କା ଦେବାକୁ ମନା କରିଥିଲେ। ଏହାପରେ ୩ ଅଭିଯୁକ୍ତ ମୁନା, ଟୁନା ଏବଂ ସଂକର୍ଷଣଙ୍କୁ ବୋମା ପକାଇବାକୁ କହିବା ପରେ ସେମାନେ ବୋମା ମାଡ଼ କରିଥିଲେ ବୋଲି କୋଦଳା ଥାନା ଅଧିକାରୀ ଉମାକାନ୍ତ ସାହୁ ସୂଚନା ଦେଇଛନ୍ତି।

# ଲେଖିକା, ଲେଖକ ସାମ୍ମୁଖ୍ୟର ବର୍ଷା ସାହିତ୍ୟ ଆସର

ବ୍ରହ୍ମପୁର,୩୦।୭(ସ୍ମୃତି ରଞ୍ଜନ ମହାଲିକ୍)




ସାହିତ୍ୟ ଆସରରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

ଉତ୍କଳ ଆଶ୍ରମ ଓଡ଼ିଆ ଭାଷା ଭବନ ସମ୍ମିଳନୀ କକ୍ଷରେ ଗଞ୍ଜାମ ଜିଲା ଲେଖିକା ଓ ଲେଖକ ସାମ୍ମୁଖ୍ୟର ବର୍ଷା ସାହିତ୍ୟ ଆସର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଲେଖକ ସାମ୍ମୁଖ୍ୟ ସଭାପତି ହାଡିବନ୍ଧୁ ମାଳି ଅଧ୍ୟକ୍ଷତା କରିଥିଲେ। ଲେଖିକା ସାମ୍ମୁଖ୍ୟ ସଭାନେତ୍ରୀ ସ୍ୱର୍ଣ୍ଣପ୍ରଭା ମିଶ୍ରଙ୍କ ଆବାହକତ୍ୱରେ ଅନୁଷ୍ଠିତ ସାହିତ୍ୟ ଆସରରେ ମେଜର ରମା ରମଣ ପାଢ଼ୀ ମୁଖ୍ୟ ଅତିଥି ଭାବେ ଉପସ୍ଥିତ ଥିବା ବେଳେ ସମ୍ମାନିତ ଅତିଥି ରୂପେ ପୁଷ୍ପାଞ୍ଜଳି ପଟ୍ଟନାୟକ, ସାଧାରଣ ସମ୍ପାଦିକା ଡ. ସୂଚନା ପାଢ଼ୀ, ସାଧାରଣ ସମ୍ପାଦକ ଦୀନବନ୍ଧୁ ଶ୍ରୀପଲ୍ଲବ, ସମ୍ପାଦିକା ଜ୍ୟୋସ୍ନାମୟୀ ପ୍ରଧାନ ପ୍ରମୁଖ ମଞ୍ଚାସୀନ ରହି କାର୍ଯ୍ୟକ୍ରମ ଉଦଘାଟନ କରିଥିଲେ। ବରିଷ୍ଠ ଗାୟକ କବି ଶ୍ୟାମା ପ୍ରସାଦ ପାଢ଼ୀ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ଓଡ଼ିଶା ସାହିତ୍ୟ ଏକାଡେମୀ ସଚିବ ପ୍ରବୋଧ କୁମାର ରାଉତଙ୍କ ଦୁର୍ଘଟଣା ଜନିତ ଅକାଳ ମୃତ୍ୟୁରେ ଆସରରେ ନୀରବ ପ୍ରାର୍ଥନା କରାଯାଇଥିଲା। ସାଧାରଣ ସମ୍ପାଦକ ଶ୍ରୀପଲ୍ଲବ ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ଓଡ଼ିଶା ସାହିତ୍ୟ ଏକାଡେମୀ ଦ୍ୱାରା ସାହିତ୍ୟିକ ସମ୍ମାନପ୍ରାପ୍ତ ସାହିତ୍ୟିକ ବିଶିଷ୍ଟ ନାଟ୍ୟକାର ମେଜର ରମା ରମଣ ପାଢ଼ୀ ଓ ବରିଷ୍ଠ କବୟିତ୍ରୀ ପୁଷ୍ପାଞ୍ଜଳି ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସାହିତ୍ୟ ସର୍ଜନା ବିଳାସ ନୁହଁ, ଏଥିପାଇଁ ପ୍ରଗାଢ ସାଧନାର ଆବଶ୍ୟକତା ରହିଛି। ଜୀବନ ଯନ୍ତ୍ରଣା ସହ ପରିବେଶ ପରିବେଷ୍ଟିନୀକୁ ନେଇ କବି ଲେଖକ ଲେଖନୀ ଚାଳନା କରିଥାନ୍ତି। ଏଥିପାଇଁ ଗଭୀର ଅଧ୍ୟୟନ ଓ ମାନସ ମନ୍ଥନ କରିବାକୁ ହୁଏ ବୋଲି ମୁଖ୍ୟ ଅତିଥି କହିଥିଲେ। ସମ୍ପାଦିକା ଜ୍ୟୋସ୍ନାମୟୀ ପ୍ରଧାନଙ୍କ ସୁରମ୍ୟ ସଂଯୋଜନାରେ ଅନୁଷ୍ଠିତ କବିତା ପାଠୋତ୍ସବରେ ଲେଖକ ସାମ୍ମୁଖ୍ୟ ଉପସଭାପତି ଡ଼ ସରୋଜ କାନ୍ତ ରଥଙ୍କ ସମେତ ଡ ପୁଷ୍ପାଞ୍ଜଳି ପଢ଼ାଳ, ଭିକାରୀ ଚରଣ ମହାପାତ୍ର, ସୁରେଶ ଚନ୍ଦ୍ର ମହାପାତ୍ର, ଦେବୀ ପ୍ରସାଦ ମହାପାତ୍ର, ରମେଶ ଚନ୍ଦ୍ର ସାହୁ, ଡ ବିନାୟକ ପଟ୍ଟନାୟକ, ଦଣ୍ଡପାଣି ମହାପାତ୍ର, ଲିଙ୍ଗରାଜ ଜେନା, ଡ଼ ଲମ୍ବୋଦର ପାଣିଗ୍ରାହୀ, ସୁବାସ ଚନ୍ଦ୍ର ନାୟକଙ୍କ ସମେତ ବହୁ କବି କବୟିତ୍ରୀ ସ୍ୱରଚିତ କବିତା ପାଠ କରିଥିଲେ।

# ଭାଜପା ସରକାର କ୍ଷମତାଚ୍ୟୁତ ହେବା ଜରୁରୀ

■ ଜିଲା ସିପିଏମ ଶିକ୍ଷା ଶିବିରରେ ଗୁରୁତ୍ୱ

■ ଅଣ ଭାଜପା ମେଣ୍ଟ ଇଣ୍ଡିଆକୁ ସମର୍ଥନ ଆହ୍ୱାନ

ବ୍ରହ୍ମପୁର,୩୦।୭(ନରସିଂହ ସାହୁ)

ଆଗାମୀ ସାଧାରଣ ନିର୍ବାଚନରେ ଦେଶବାସୀଙ୍କୁ ଅତିଷ୍ଠ କରି ପକାଇଥିବା ନରେନ୍ଦ୍ର ମୋଦୀ ସରକାରକୁ କ୍ଷମତାଚ୍ୟୁତ କରିବା ଜରୁରି ହୋଇପଡ଼ିଛି। ତେଣୁ ଧର୍ମନିରପେକ୍ଷ ଓ ଗଣତନ୍ତ୍ର ପ୍ରେମୀ ଅଣଭାଜପା ଦଳଗୁଡ଼ିକ ରାଜନୈତିକ ମତଭେଦ ଭୁଲି ଏକାଠି ହୋଇ ଇଣ୍ଡିଆ ନାମରେ ନୂଆ ମେଣ୍ଟ ଗଠନ କରିଛନ୍ତି। ଭାଜପାକୁ ଚ୍ୟାଲେଞ୍ଜ ପାଇଁ ପ୍ରୟାସ ଚାଲିଛି। ସବୁ ବର୍ଗର ଲୋକେ ଇଣ୍ଡିଆ ମେଣ୍ଟକୁ ପୂର୍ଣ୍ଣ ସମର୍ଥନ ଦେବା ନିମନ୍ତେ ସିପିଆଇ (ଏମ) ଆହ୍ୱାନ ଦେଇଛି। ଏହାଦ୍ୱାରା ସରକାର ପରିବର୍ତ୍ତନ ନିଶ୍ଚିତ ହେବ ଏବଂ ସାମ୍ପ୍ରଦାୟିକ ଶକ୍ତିର ମୂଳପୋଛ ଘଟିବ ବୋଲି କୁହାଯାଇଛି।

ମାର୍କ୍ସବାଦୀ କମ୍ୟୁନିଷ୍ଟ ପାର୍ଟି ଗଞ୍ଜାମ କମିଟି ପକ୍ଷରୁ ବ୍ରହ୍ମପୁରରେ ଅନୁଷ୍ଠିତ ଦୁଇଦିନିଆ ଶିକ୍ଷା ଶିବିର ରବିବାର ସନ୍ଧ୍ୟାରେ ସମାପନ ହୋଇଯାଇଛି। ଆଦିବାସୀଙ୍କ ଜଙ୍ଗଲ ଜମି ଅଧିକାରକୁ ଭାଜପା ଶାସନରେ ଛଡ଼ାଇ ନିଆଯାଇଛି। ଜନଜୀବନକୁ କଲବଲ କରିବା ଭଳି ଅନେକ ପଦକ୍ଷେପ ନିଆଯାଇଛି। ଏବେ ମୋଦୀ ସରକାରଙ୍କୁ ହଟାଇବାର ବେଳ ଆସିଥିବାରୁ ଏହାର ଉପଯୋଗ କରିବା ନିମନ୍ତେ ଜନସାଧାରଣଙ୍କୁ ନିବେଦନ କରାଯାଇଛି।

ସିପିଏମ ରାଜ୍ୟ ସମ୍ପାଦକ ଅଳି କିଶୋର ପଟ୍ଟନାୟକ, ବରିଷ୍ଠ ନେତା ଜନାର୍ଦ୍ଦନ ପତି, ଜଗନ୍ନାଥ ମିଶ୍ର, ସୁରେଶ ପାଣିଗ୍ରାହି ଓ କୈଳାସ ଷଡ଼ଙ୍ଗୀ ଶିବିରରେ ଯୋଗଦେଇ କ୍ୟାଡରମାନଙ୍କୁ ଶିକ୍ଷାଦାନ କରିଥିଲେ। ବିଭିନ୍ନ ସମସ୍ୟାର ସମାଧାନ ଦାବି ନେଇ ଗଞ୍ଜାମ ଜିଲାରୁ ଜନ ସମ୍ପର୍କ ଅଭିଯାନକୁ ଗଣ ଆନ୍ଦୋଳନରେ ପରିଣତ କରିବାକୁ ରାଜ୍ୟ ନେତାମାନେ ଆହ୍ୱାନ ଦେଇଥିଲେ। ଶିବିରରେ ଶତାଧିକ କ୍ୟାଡର ପ୍ରତିନିଧି ଭାବେ ଯୋଗ ଦେଇଥିଲେ। ଅପରପକ୍ଷରେ ଏହି ବାମପନ୍ଥୀ ରାଜନୈତିକ ଶିବିରରେ ଉପସ୍ଥିତ ନେତାମାନେ କେବଳ ଭାଜପା ଓ କେନ୍ଦ୍ର ସରକାର ଉପରେ ଶାଣିତ ଭାଷାରେ ବର୍ଷିଥିବା ବେଳେ ରାଜ୍ୟ ବିଜେଡି ଶାସନ ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସମ୍ପର୍କରେ ଟିପ୍ପଣି ଦେଇନଥିବା ଚର୍ଚ୍ଚାର ବିଷୟ ପାଲଟିଥିଲା। ଜିଲା କମିଟି ସମ୍ପାଦକ ଯୁଧିଷ୍ଠିର ବେହେରା ଶିବିର ସଂଯୋଜନା କରିଥିବା ବେଳେ ବିଦ୍ୟାଧର ଜେନା, ପି. ହରିକୃଷ୍ଣ ରେଡ଼ି, ଦିଲିପ ଛୋଟରା, ବାବୁଲା ନାୟକ, ପ୍ରତାପ ଚୌଧୁରୀ ଓ ଶିବି ମହାପାତ୍ର ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ଅନେକ ମହିଳା କର୍ମୀ ଉପସ୍ଥିତ ଥିଲେ। ମୋଦୀଙ୍କ ଶାସନ କାଳରେ ନଷ୍ଟ ହୋଇଥିବା ଦେଶର ସମ୍ବିଧାନ, ଗଣତନ୍ତ୍ର ଓ ଅଖଣ୍ଡତାକୁ ପୁନଃ ଜୀବୀତ କରିବା ନିମନ୍ତେ ଶିବିରାର୍ଥୀମାନେ ପ୍ରୟାସ କରିବାକୁ ପରାମର୍ଶ ଦିଆଯାଇଥିଲା।

